ଭାଷା ଓ ସାକ୍ଷରତା

# ତଦାରଖ, ମୂଲ୍ୟାୟନ ଏବଂ ପ୍ରତିପୁଷ୍ଟି ପ୍ରଦାନ

# Monitoring, Assessment and Feedback





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

### ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି । ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ । ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ ୧.୦ ଭାଷା ଓ ସାକ୍ଷରତା ସଂଖ୍ୟା ୧୫ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ । ମୂଳ ଇଂରାଜୀ ଲେଖାକୁ ଶ୍ରୀ ଦୁର୍ଯ୍ୟୋଧନ ଦାସ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବହ୍ମ ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି । ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org/licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଏହି ଏକକରେ ଆପଣ ତଦାରଖ ଓ ମୂଲ୍ୟାୟନର ଉପାୟଗୁଡ଼ିକ ଉପରେ ଅଧିକ ଚିନ୍ତା କରିବେ ଓ ଶିକ୍ଷାର୍ଥୀମାନଙ୍କ ଭାଷା ଓ ସାକ୍ଷରତା ବିକାଶ ଉପରେ ପ୍ରତିପୁଷ୍ଟି (feedback) ପ୍ରଦାନ କରିବେ।
ଧାରାବାହିକ ତଦାରଖ, ମୂଲ୍ୟାୟନ ଓ ପ୍ରତିପୁଷ୍ଟି ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଅଭିବୃଦ୍ଧିରେ ଅନ୍ତର୍ଦୃଷ୍ଟି ଦେଇପାରିବ ତାହା ଆପଣ ଏଥିରେ ଶିଖିବେ ଏବଂ ଏହି ଅନ୍ତର୍ଦୃଷ୍ଟି ପରବର୍ତ୍ତୀ ପାଠ ଯୋଜନା ଓ ଶିକ୍ଷାଦାନ ସମ୍ପର୍କରେ କିପରି ସୂଚନା ପ୍ରଦାନ କରିବ ସେ ସମ୍ପର୍କରେ ଜାଣିବେ।

## ଏହି ଏକକରୁ କ'ଣ ଶିଖିବେ

- ନିୟମିତ ଆନୁଷ୍ଠାନିକ ତଦାରଖ, ମୂଲ୍ୟାୟନ ଓ ପ୍ରତିପୁଷ୍ଟି ସୁଯୋଗ ଗୁଡ଼ିକୁ ଆପଣଙ୍କ ଭାଷା ପାଠଗୁଡ଼ିକରେ କିପରି ଅନ୍ତର୍ଭୁକ୍ତ କରିବେ।
- ଆପଣଙ୍କ ପରବର୍ତ୍ତୀ ଶିକ୍ଷାଦାନ ଯୋଜନାରେ ଶିକ୍ଷାର୍ଥୀଙ୍କର ମୂଲ୍ୟାୟନ ଫଳାଫଳକୁ କିପରି କାର୍ଯ୍ୟରେ ଲଗାଇବେ।
- ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସ୍ୱ ଓ ସହପାଠୀ ମୂଲ୍ୟାୟନରେ କିପରି ସଂଶ୍ଳିଷ୍ଟ କରିବେ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ସାଧାରଣତଃ ଆପଣ ବର୍ଷରେ ଥରେ ବା ଦୁଇଥର ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଉପଲବ୍ଧି ଜାଣିବା ପାଇଁ ପରୀକ୍ଷା କରିଥାନ୍ତି ଏବଂ ଏହା ସେମାନଙ୍କ ପଠନ ଓ ଲିଖନ କୌଶଳ ଉପରେ କେନ୍ଦ୍ରୀଭୂତ ଥାଏ। ସେ ଯାହା ହେଉ, ପ୍ରତ୍ୟେକ ପାଠରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଅଭିବୃଦ୍ଧିକୁ ତଦାରଖ, ମୂଲ୍ୟାୟନ ଓ ତତ୍‌ଜନିତ ପ୍ରତିପୁଷ୍ଟି ପ୍ରଦାନ କରିବା ପାଇଁ ଅନେକ ସୁଯୋଗ ରହିଛି। ଏହି ପ୍ରସଙ୍ଗରେ ପ୍ରତିପୁଷ୍ଟି ଅର୍ଥ ଗୋଟିଏ ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟ ଅନୁସାରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ଗଠନମୂଳକ ସୂଚନା ଦେବା ଓ ଏହାକୁ ନେଇ କିପରି କାମରେ ଲଗାଇବେ ଓ ଅଭିବୃଦ୍ଧି କରିବେ ସେ ସମ୍ପର୍କରେ ମାର୍ଗ ପ୍ରଦର୍ଶନ କରିବା।

ଶିକ୍ଷାର୍ଥୀମାନଙ୍କ ଶ୍ରବଣ କଥନ, ପଠନ ଓ ଲିଖନ ବିକାଶର ବିଭିନ୍ନ ଦିଗ ଗୁଡ଼ିକ ସହିତ ତଦାରଖ, ମୂଲ୍ୟାୟନ ଓ ପ୍ରତିପୁଷ୍ଟିକୁ ସମ୍ପର୍କିତ କରାଯାଇପାରିବ। ଧାରାବାହିକ ଭାବରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ସମ୍ପର୍କରେ ସୂଚନା ଏକତ୍ର କରି ଓ ଯେଉଁ ଶିକ୍ଷାର୍ଥୀମାନେ ଅସୁବିଧା ଅନୁଭବ କରୁଛନ୍ତି ବା ଯେଉଁମାନେ ତାହାକୁ ସାମନା କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କୁ ନେଇ ଆପଣ ପ୍ରତ୍ୟେକଙ୍କ ଆବଶ୍ୟକତା ଦେଖିବେ। ସର୍ବୋତ୍ତମ ଭାବେ ଏହାକୁ ମୁକାବିଲା କରିବାକୁ ଆପଣ ଆପଣଙ୍କର ଶିକ୍ଷାଦାନକୁ ସୁବ୍ୟବସ୍ଥିତ କରିପାରିବେ। ନିୟମିତ ଶ୍ରେଣୀଗୃହ ଅଭ୍ୟାସରେ କିପରି ଶିକ୍ଷାଦାନ, ତଦାରଖ, ମୂଲ୍ୟାୟନ ଓ ପ୍ରତିପୁଷ୍ଟି ପ୍ରଦାନକୁ ସନ୍ନିବେଶୀତ କରିପାରିବେ ତାହା ଏହି ଏକକରେ ଦର୍ଶାଯାଇଛି।

## ୧ ତଦାରଖ, ମୂଲ୍ୟାୟନ ଓ ପ୍ରତିପୁଷ୍ଟି ସମ୍ପର୍କିତ ମନୋଭାବ ଓ ଅଭ୍ୟାସ

ତଦାରଖ, ମୂଲ୍ୟାୟନ ଓ ପ୍ରତିପୁଷ୍ଟି ସମ୍ପର୍କରେ ଆପଣଙ୍କ ମନୋଭାବ ଓ ଅଭ୍ୟାସଗୁଡ଼ିକ କ'ଣ? ଶିକ୍ଷଣ କାର୍ଯ୍ୟ ୧କୁ ବ୍ୟବହାର କରି ଦେଖନ୍ତୁ–

### ଶିକ୍ଷଣକାର୍ଯ୍ୟ ୧ : ମନୋବୃତ୍ତି ଓ ଅଭ୍ୟାସ

ଜଣେ ସହକର୍ମୀଙ୍କ ସହ ନିମ୍ନ ଉକ୍ତିଗୁଡ଼ିକୁ ପଢ଼ନ୍ତୁ। ସେମାନଙ୍କ ସହିତ ଯଦି ସମ୍ପୂର୍ଣ୍ଣ ବା ଆଂଶିକ ରାଜି ବା ଅରାଜି ସ୍ଥିର କରନ୍ତୁ। ଆପଣଙ୍କ ମତାମତ ପାଇଁ କାରଣ ଦିଅନ୍ତୁ।

- ଶିକ୍ଷାର୍ଥୀମାନେ ପରୀକ୍ଷାଗୁଡ଼ିକୁ ଜଞ୍ଜାଳ ଓ ଚାପମୁକ୍ତ ଭାବେ ପାଇଥାନ୍ତି। ଏହା ସେମାନଙ୍କର ଆଶାଠାରୁ କମ୍ କାର୍ଯ୍ୟ ସମ୍ପାଦନର କାରଣ ହୋଇପାରେ।

- ଯଦିଓ ନିର୍ଦ୍ଦିଷ୍ଟ ସମୟର ଶିକ୍ଷଣ ପରେ ଆପଣ ପରୀକ୍ଷା କରନ୍ତି ଓ ଏହା ସହିତ ସାଧାରଣତଃ କୌଣସି ପ୍ରତିପୁଷ୍ଟି ନ ଥାଏ। ଏହାର ଅର୍ଥ ସେମାନଙ୍କର ଫଳାଫଳକୁ ଏକ ନିର୍ଦ୍ଦିଷ୍ଟ ସମୟରେ ଓ ଧାରାବାହିକ ଭାବରେ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ।
- ଭାଷା ଶିକ୍ଷଣର ବିଭିନ୍ନ ଦିଗ ଯଥା ଅବଧାରଣା, ବ୍ୟାକରଣ ଓ ଶବ୍ଦ ଭଣ୍ଡାର ଆଦିକୁ ପରୀକ୍ଷଣ ଓ ପରୀକ୍ଷା ମାଧ୍ୟମରେ ମୂଲ୍ୟାୟନ କରାଯାଏ କିନ୍ତୁ ଶ୍ରବଣ ବା କଥନ ଦକ୍ଷତାର ମୂଲ୍ୟାୟନ ହୋଇ ନ ଥାଏ।
- ସାଧାରଣତଃ ଶିକ୍ଷକମାନେ ସେହି ପାଠଦାନ କାର୍ଯ୍ୟରେ ସେମାନଙ୍କର ଶିକ୍ଷାର୍ଥୀମାନଙ୍କୁ ତଦାରଖ କରିବାରେ ଅଧିକ ବ୍ୟସ୍ତ ରହନ୍ତି।
- ଶିକ୍ଷାର୍ଥୀମାନେ ସେମାନଙ୍କ କାର୍ଯ୍ୟରେ ଯୋଗାଇ ଦିଆଯାଇଥିବା ପ୍ରତିପୃଷ୍ଟିକୁ ଉପେକ୍ଷା କରନ୍ତି। ସେମାନେ କେବଳ ସେମାନଙ୍କର ସାମଗ୍ରିକ ଗ୍ରେଡ୍ ପାଇଁ ଆଗ୍ରହୀ।
- ମୂଲ୍ୟାୟନ ସମ୍ପର୍କିତ ରେକର୍ଡ ରଖିବା ଏକ ସମୟ ସାପେକ୍ଷ କାର୍ଯ୍ୟ ହୋଇପାରେ। ସର୍ବୋପରି ଏହି ରେକର୍ଡଗୁଡ଼ିକ ସବୁ ସମୟରେ ଗୋଟିଏ ଶିକ୍ଷାର୍ଥୀ ସାମର୍ଥ୍ୟର ବାସ୍ତବ ଚିତ୍ର ପ୍ରଦାନ କରି ନ ଥାଏ।

ଟିକିଏ ଚିନ୍ତା କରନ୍ତୁ

- ଆପଣଙ୍କ ନିଜ ଶ୍ରେଣୀଗୃହର ଅଭ୍ୟାସ ପାଇଁ ଉପରୋକ୍ତ ଉକ୍ତି ଗୁଡିକ ଉପରେ ଆପଣଙ୍କ ପ୍ରତିକ୍ରିୟାର କ'ଣ ରହିଛି ? ଏହି ବିଷୟଗୁଡ଼ିକୁ ସାମନା କରିବା ପାଇଁ ଆପଣ କି କି ପରିବର୍ତ୍ତନ କରିପାରିବେ ?
- ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟାୟନ କରିବା ସମୟରେ କେଉଁ ସୂଚନାକୁ ଅଧିକ ଉପଯୋଗୀ ବୋଲି ବିଚାର କରନ୍ତି ?

## ୨ ଆପଣଙ୍କ ଶ୍ରେଣୀ ତଦାରଖ


### ଶିକ୍ଷଣକାର୍ଯ୍ୟ ୨ : ତଦାରଖ ଓ ପ୍ରତିପୁଷ୍ଟି ପ୍ରଦାନ

ସମ୍ବଳ ୧ – 'ତଦାରଖ ଓ ପ୍ରତିପୁଷ୍ଟି ପ୍ରଦାନ' କରିବା ପଢନ୍ତୁ। ଏହାକୁ ବ୍ୟାଖ୍ୟା କରନ୍ତୁ, ପ୍ରୟୋଗ କରିଥିବା ଧାରଣାଗୁଡ଼ିକୁ ଲେଖି ରଖନ୍ତୁ। ଆପଣଙ୍କୁ ଏଥିମଧ୍ୟରୁ ଯାହା ଆକୃଷ୍ଟ କରିଛି ଓ ଯାହାକୁ ଆପଣ ସହଜରେ ପ୍ରୟୋଗ କରିପାରିବେ ତାହାକୁ ମଧ୍ୟ ନୋଟ୍ କରନ୍ତୁ। ଏଥି ସମ୍ପର୍କିତ କିଛି ପ୍ରଶ୍ନ ଥିଲେ ଆପଣ ତାହାକୁ ଲେଖିରଖନ୍ତୁ। ଯଦି ସମ୍ଭବ ହୁଏ, ଏହି କାର୍ଯ୍ୟକୁ ଜଣେ ସହକର୍ମୀଙ୍କ ସହ ମିଶି କରନ୍ତୁ ଓ ଆପଣଙ୍କ ଲେଖା ସହିତ ତୁଳନା କରନ୍ତୁ।

ଭିଡିଓ : ତଦାରଖ ଓ ପ୍ରତିପୁଷ୍ଟି ପ୍ରଦାନ କରିବା

ପରବର୍ତ୍ତୀ ଦୁଇଟି କାର୍ଯ୍ୟ – ଯାହାକୁ ଭିନ୍ନ ଉପାୟରେ କାର୍ଯ୍ୟକାରୀ କରାଯିବା ଉଚିତ। ଏହା ଆପଣଙ୍କୁ ଉଦ୍ଦେଶ୍ୟ ପୂର୍ଣ୍ଣ ଭାବେ ଶିକ୍ଷାର୍ଥୀମାନେ କରୁଥିବା କାର୍ଯ୍ୟକୁ ତଦାରଖ କରିବାକୁ ଆମନ୍ତ୍ରଣ କରେ ।

## ଶିକ୍ଷଣକାର୍ଯ୍ୟ ୩ : ସମଗ୍ର ଶ୍ରେଣୀ ତଦାରଖ କରିବା



ଚିତ୍ର ୧ ସମଗ୍ର ଶ୍ରେଣୀ ତଦାରଖ କରିବା

ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସ୍ୱାଧୀନ ଓ ନିରବରେ କରିବାକୁ କିଛି ଶ୍ରେଣୀ କାର୍ଯ୍ୟ ଆନୁମାନିକ ୧୫ ମିନିଟ ପାଇଁ ଦିଅନ୍ତୁ । ଏଥିପାଇଁ ପାଠ୍ୟପୁସ୍ତକ ଆଧାରିତ ଗୋଟିଏ ଛୋଟ ପଠନ ବା ଲିଖନ କାର୍ଯ୍ୟ ଠିକ୍ ହେବ । ଆପଣଙ୍କ ଶିକ୍ଷାର୍ଥୀମାନେ କାର୍ଯ୍ୟ କରୁଥିବା ବେଳେ ପଛରେ ରହି ସେମାନଙ୍କ ପର୍ଯ୍ୟବେକ୍ଷଣ କରନ୍ତୁ । ଏହି ପରିପ୍ରେକ୍ଷୀରେ ନିମ୍ନ ପ୍ରଶ୍ନଗୁଡ଼ିକୁ ବିଚାର କରନ୍ତୁ ।

- ଆପଣଙ୍କ ଶିକ୍ଷାର୍ଥୀମାନେ କି ପ୍ରକାର କାର୍ଯ୍ୟ କରୁଛନ୍ତି ?
- ସେମାନଙ୍କ ଭିତରୁ କିଛି ଶିକ୍ଷାର୍ଥୀ କ'ଣ କରିବେ ସେ ବିଷୟରେ ଅନିଶ୍ଚିତ କି ? ଆପଣ କିପରି ଜାଣିପାରିବେ ?
- ଆପଣଙ୍କ ଶିକ୍ଷାର୍ଥୀମାନେ ଭିନ୍ନ ଗତିରେ କାର୍ଯ୍ୟ କରୁଛନ୍ତି କି ? ଆପଣ କିପରି କହିପାରିବେ ?
- ଯେତେବେଳେ ସେମାନେ କାର୍ଯ୍ୟ ଶୀଘ୍ର ଶେଷ କରିବେ, ସଙ୍ଗେ ସଙ୍ଗେ ଆଉ କ'ଣ କରିବେ ?
- କେତେକ ଶିକ୍ଷାର୍ଥୀ ନିର୍ଦ୍ଧାରିତ ସମୟ ଭିତରେ କାର୍ଯ୍ୟ ଶେଷ କରିବେ ନାହିଁ ବୋଲି ଆପଣ ଭାବୁଛନ୍ତି କି ? ସେମାନେ କିପରି ସହାୟତା ପାଇବେ ?
- ଆପଣ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣକୁ ସେମାନଙ୍କୁ ଦେଇଥିବା କାର୍ଯ୍ୟରୁ କିପରି ମୂଲ୍ୟାୟନ କରିବେ ?

## ଶିକ୍ଷଣକାର୍ଯ୍ୟ ୪ : ତଦାରଖ ଦଳ



**ଚିତ୍ର ୨ ତଦାରଖ ଦଳ**

ଆପଣଙ୍କ ଶ୍ରେଣୀକୁ ପାଞ୍ଚ ବା ଛଅ ଦଳରେ ଭାଗ କରନ୍ତୁ। ସେମାନଙ୍କୁ ଗୋଟିଏ ଛୋଟ କଥନ ଭିତ୍ତିକ କାର୍ଯ୍ୟ କରିବାକୁ କୁହନ୍ତୁ। ଏଥିରେ ଗୋଟିଏ ଗପ ତିଆରି କରିବା ସହିତ ଛବି ଯୋଡ଼ାଯାଇପାରେ ବା ଏକ ସମସ୍ୟା ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା ବା ଏକ ବାଦାନୁବାଦ ମୂଳକ ପ୍ରଶ୍ନ ପ୍ରତି ପ୍ରତିକ୍ରିୟାଶୀଳ ହେବା ହୋଇପାରେ। ଦଳଗତ ଆଲୋଚନା ୧୫ ମିନିଟ୍‌ରୁ ଅଧିକ ହେବା ଉଚିତ ନୁହେଁ। ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ କିପରି ଶାନ୍ତ ଭାବରେ ଏକତ୍ର କାର୍ଯ୍ୟ କରାଯାଇପାରେ ମନେପକାଇ ଦିଅନ୍ତୁ। ଏଥି ସହିତ ପାଳି କରି ଆଲୋଚନା ଓ କଥାହେବା ଓ ପରସ୍ପରର ଅବଦାନକୁ ଶୁଣିବା। ଶ୍ରେଣୀର ଚାରିଆଡ଼େ ବୁଲନ୍ତୁ ଓ ଆପଣଙ୍କ ଶିକ୍ଷାର୍ଥୀମାନେ କହୁଥିବା ବେଳେ ପର୍ଯ୍ୟବେକ୍ଷଣ କରନ୍ତୁ ଓ ଶୁଣନ୍ତୁ।

ନିମ୍ନ ପ୍ରଶ୍ନଗୁଡ଼ିକୁ ବିଚାର କରନ୍ତୁ –

- ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ କାର୍ଯ୍ୟ ସବୁ କରୁଛନ୍ତି ?
- ସେମାନେ ଆପଣଙ୍କର ସୂଚନାକୁ ବୁଝିପାରିଲେ କି ? ଆପଣ କିପରି କହିବେ ?
- ସେମାନେ ନିଜେ ନିଜକୁ କିପରି କାର୍ଯ୍ୟଟି ପାଇଁ ସଂଗଠିତ କରିଛନ୍ତି ?
- ସେମାନେ ଅତିରିକ୍ତ ସହାୟତା ଚାହାନ୍ତି କି ? ଯଦି ହଁ, କି ପ୍ରକାର ସହାୟତା ?
- କୌଣସି ଶିକ୍ଷାର୍ଥୀ ନିରବ ରହୁଛନ୍ତି କି ?
- କୌଣସି ଶିକ୍ଷାର୍ଥୀ ଅତିମାତ୍ରାରେ ଦୃଢ଼ ଅଟନ୍ତି କି ?
- • ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣ ଶିକ୍ଷଣକୁ କିପରି ମୂଲ୍ୟାୟନ କରିବେ ?



### ଟିକିଏ ଚିନ୍ତା କରନ୍ତୁ

ଆପଣଙ୍କ ଶିକ୍ଷାର୍ଥୀମାନେ କିପରି ବ୍ୟକ୍ତିଗତ ଭାବେ ଓ ଦଳରେ ଭାଷା ଓ ସାକ୍ଷରତା ସମ୍ପର୍କିତ କାର୍ଯ୍ୟ କରନ୍ତି ଶିକ୍ଷଣ କାର୍ଯ୍ୟ ୩ ଓ ୪ ରେ ଆପଣଙ୍କୁ ଶିକ୍ଷାର୍ଥୀମାନଙ୍କୁ ପର୍ଯ୍ୟବେକ୍ଷଣ ଓ ତଦାରଖ କରିବାକୁ ଆମନ୍ତ୍ରଣ କରାଯାଇଛି।

- ଦୁଇଟି ପର୍ଯ୍ୟବେକ୍ଷଣ ଆଧାରିତ କାର୍ଯ୍ୟ କିପରି ତୁଳନୀୟ ?
- ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ବ୍ୟକ୍ତିଗତ ଓ ଦଳରେ ପର୍ଯ୍ୟବେକ୍ଷଣ କରିବା କିପରି ସହଜ ?

- ଏପରି କରି ଆପଣ କ'ଣ ଶିଖିଲେ ?
- ଆପଣ ଏହି ସୂଚନାକୁ କିପରି ଲିପିବଦ୍ଧ କରିବେ ?

ଜଣେ ଫଳପ୍ରଦ ଶିକ୍ଷକଙ୍କର ସତର୍କ ପର୍ଯ୍ୟବେକ୍ଷଣ ଏକ ମୁଖ୍ୟ କୌଶଳ ଅଟେ । କାରଣ ଏହା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟରୁ ଶିକ୍ଷାର୍ଥୀମାନେ କେତେ ଶିଖିଲେ ତାହା ମାପିବାକୁ ସେମାନଙ୍କୁ ସାହାଯ୍ୟ କରିଥାଏ ।

ସେ ସମଗ୍ର ଶ୍ରେଣୀ ତଦାରଖ ହୋଇପାରେ ବା ଛୋଟ ଦଳ ବା ବ୍ୟକ୍ତିଗତ ଶିକ୍ଷାର୍ଥୀ ହୋଇପାରେ ନିମ୍ନ ପ୍ରଶ୍ନଟି ଶିକ୍ଷକଙ୍କ ମାନସିକତାର ଶୀର୍ଷରେ ରହିବା ଉଚିତ । ଯଥା:

ଏହି ପାଠଟି କିପରି ମୋ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ବୁଝିହେଉଛି ଓ କିପରି ସେମାନେ ଏହାକୁ ଅଭିଜ୍ଞତା ପରିସରଭୁକ୍ତ କରୁଛନ୍ତି ?

## ୩ ଶିକ୍ଷାର୍ଥୀ ମୂଲ୍ୟାୟନ ଓ ପ୍ରତିପୁଷ୍ଟି ପ୍ରଦାନ ପାଇଁ ବିଭିନ୍ନ ପନ୍ଥା

ଆପଣ ପରିସ୍ଥିତି ଅଧ୍ୟୟନ ୧ରେ ଶିକ୍ଷାର୍ଥୀମାନଙ୍କ ମୂଲ୍ୟାୟନ ଓ ପ୍ରତିପୁଷ୍ଟି ପ୍ରଦାନ ସମ୍ପର୍କିତ ଶିକ୍ଷକଙ୍କର ଦୁଇଟି ପନ୍ଥା ବିଷୟରେ ପଢ଼ିବେ ।

### ପରିସ୍ଥିତି ଅଧ୍ୟୟନ-୧ : ଶିକ୍ଷାର୍ଥୀ ମୂଲ୍ୟାୟନ ଓ ପ୍ରତିପୁଷ୍ଟି ପ୍ରଦାନ ନିମିତ୍ତ ଶିକ୍ଷକଙ୍କର ଦୁଇଟି ପନ୍ଥା

*ଶ୍ରୀମତୀ ଅସୀମା ରାଉରକେଲା ନିକଟବର୍ତ୍ତୀ ଏକ ଗ୍ରାମୀଣ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷୟିତ୍ରୀ ।*

ଏବେ ଶ୍ରେଣୀରେ ସାହିତ୍ୟ ବହିର 'ହଜିଲା ଦିନର କଥା' ବିଷୟଟିକୁ ମୁଁ ପଢ଼ାଇସାରିଲି ।

ଏହାପରେ ଶିକ୍ଷାର୍ଥୀମାନଙ୍କୁ ବନାନ କୌଶଳ ପରୀକ୍ଷା କରିବା ପାଇଁ ମୁଁ ସ୍ଥିର କଲି । ପାଠର ନିମ୍ନ ୧୦ଟି କଠିନ ଶବ୍ଦକୁ ମୁଁ ବାଛିଲି । ସେଗୁଡ଼ିକୁ କଳାପଟାରେ ଲେଖିଦେଲି । ସେହି ଶବ୍ଦଗୁଡ଼ିକୁ ନିଜ ନୋଟ୍ ଖାତାରେ ଲେଖିନେବାକୁ କହିଲି । ପରଦିନ ଏହି ଶବ୍ଦଗୁଡ଼ିକୁ ନେଇ ପରୀକ୍ଷା କରିବା କଥା ମଧ୍ୟ ମୁଁ ସେମାନଙ୍କୁ ଜଣାଇଦେଲି । ଶବ୍ଦଗୁଡ଼ିକ ଥିଲା –

ନୁଖୁରା, ତଲାସ, ଦୁର୍ଦ୍ଦଶା, ଫୂର୍ତ୍ତି, ପୁଙ୍ଗୁଳା, ଚୂନି, ନିସ୍ତେଜ, ହେପାଜତ୍, ବାରିଷ୍ଟର, କୋତରା –

ପରଦିନ ସକାଳ । ମୁଁ ଗୋଟିକ ପରେ ଗୋଟିଏ ଶବ୍ଦକୁ ପଢ଼ିଲି । ଏହାପରେ ସେହି ଶବ୍ଦଗୁଡ଼ିକୁ ଲେଖିବାକୁ ମୁଁ ସେମାନଙ୍କୁ କହିଲି । ଲେଖା କାମ ସାରିବା ପରେ ସେମାନଙ୍କ ନୋଟ୍‌ଖାତାକୁ ଆଣି ଦେଖିବା ପରେ ଫେରାଇ ଦେଲି ।

ଅଧିକାଂଶ ଶିକ୍ଷାର୍ଥୀ ପୂର୍ଣ୍ଣ ନମ୍ବର ପାଇଲେ । କେତେକ ଶିକ୍ଷାର୍ଥୀ ବନାନ ଭୁଲ କରିଥିଲେ । ଫଳରେ କମ୍ ନମ୍ବର ରଖିଲେ । ସର୍ବାଧିକ ନମ୍ବର ପାଇଥିବା ଶିକ୍ଷାର୍ଥୀମାନଙ୍କୁ ହାତଟେକିବା ପାଇଁ କହିଲି, ଯେଉଁମାନେ ଏତେ ଭଲ କରିଛନ୍ତି ସେମାନେ ଆଉଥରେ ଘରେ ଅଭ୍ୟାସ କରିବାକୁ କହିଲି ।

*ଶ୍ରୀଯୁକ୍ତ ଦାଶରଥୀ ଭୁବନେଶ୍ୱରର ଗୋଟିଏ ଅଧିକ ଶିକ୍ଷାର୍ଥୀ ଥିବା ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷକ ।*

ଶେଷ କେତେକ ପାଠରେ ମୋ ଶିକ୍ଷାର୍ଥୀମାନେ ସମ୍ମୁଖୀନ ହୋଇଥିବା ଶବ୍ଦଗୁଡ଼ିକର ବନାନ ମୂଲ୍ୟାୟନ କରିବାକୁ ମୁଁ ଚାହିଁଲି । ମୁଁ ଘୋଷଣା କଲି । "ଆଜି ଆମେ ଶ୍ରୁତଲିଖନ କାର୍ଯ୍ୟ କରିବା" ।

ମୁଁ ମୋର ଶିକ୍ଷାର୍ଥୀମାନଙ୍କୁ ଚାରିଗୋଟି ଦଳରେ କାମ କରବିାକୁ କହିଲି । ମୁଁ ସେମାନଙ୍କୁ ବୁଝାଇ ଦେଇ କହିଲି ଯେ ମୁଁ ପାଞ୍ଚଟି ଛୋଟ ବାକ୍ୟ ପଢ଼ିବି ।

ଏହି ବାକ୍ୟଗୁଡ଼ିକୁ ଲେଖିବା ପୂର୍ବରୁ ସେମାନେ ଏଗୁଡ଼ିକୁ ଯତ୍ନର ସହ ଶୁଣିବେ । ମୁଁ ତଦାରଖ କରି ଜାଣିଲି ଯେ ପ୍ରତ୍ୟେକ ମୋ ସୂଚନାଗୁଡ଼ିକୁ ବୁଝିଛନ୍ତି । ଏହାପରେ ମୁଁ ବାକ୍ୟଗୁଡ଼ିକୁ ଡାକିଲି । ଶିକ୍ଷାର୍ଥୀମାନଙ୍କୁ ଏଗୁଡ଼ିକୁ ଲେଖିବାକୁ ସମୟ ଦେଇ ଗୋଟିକ ପରେ

ଗୋଟିଏ କରି ଡାକିଲି।

ଯେତେବେଳେ ସେମାନେ ଲେଖି ସାରିଲେ, ମୁଁ ମୋ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଦଳର ଅନ୍ୟ ସଦସ୍ୟମାନଙ୍କ ସହ ସେମାନଙ୍କର ବାକ୍ୟଗୁଡ଼ିକ ସମ୍ପର୍କରେ ଆଲୋଚନା କରିବାକୁ କହିଲି। ଏହି ସମୟରେ ସେମାନଙ୍କ କାର୍ଯ୍ୟର ତୁଳନା ଓ ଆବଶ୍ୟକ ସଂଶୋଧନ କରିବାକୁ ମଧ୍ୟ କହିଲି। ଶେଷରେ ମୁଁ କଳାପଟାରେ ଲେଖିଥିବା ବାକ୍ୟଗୁଡ଼ିକ ସହିତ ସେମାନଙ୍କର ବାକ୍ୟଗୁଡ଼ିକୁ ତୁଳନା କରିବାକୁ କହିଲି।

ଏହି କାର୍ଯ୍ୟ ଚାଲୁଥିବା ସମୟରେ ମୁଁ ଶ୍ରେଣୀରେ ବୁଲି କେଉଁମାନେ ଆଲୋଚନାରେ ଅଂଶଗ୍ରହଣ କରୁଛନ୍ତି ପର୍ଯ୍ୟବେକ୍ଷଣ କରୁଥିଲି। ପ୍ରଥମଥର ପାଇଁ କେଉଁମାନେ ସେମାନଙ୍କର ବାକ୍ୟ ଠିକ୍ ଭାବରେ ଲେଖୁଥିଲେ ଓ ପରବର୍ତ୍ତୀ ସ୍ତରରେ କେଉଁମାନେ ସେମାନଙ୍କର ସଂଶୋଧନ ଆବଶ୍ୟକ କରୁଥିଲେ ଏଗୁଡ଼ିକୁ ମଧ୍ୟ ଦେଖୁଥିଲି। ମୁଁ ମୋର ମୂଲ୍ୟାୟନ ଖାତାରେ ଏସବୁକୁ ଲେଖୁଥିଲି।

ପରଦିନ ମୁଁ ସମଗ୍ର ଶ୍ରେଣୀରେ ବନାନ ସମସ୍ୟାର ନମୁନା ବର୍ଣ୍ଣନା କଲି, ଯାହାକୁ ମୁଁ ପୂର୍ବଦିନ ଶ୍ରେଣୀ କାର୍ଯ୍ୟରେ ପର୍ଯ୍ୟବେକ୍ଷଣ କରିଥିଲି। ଶ୍ରେଣୀରେ ଯେଉଁ ଶିକ୍ଷାର୍ଥୀମାନଙ୍କର ଏହି ବନାନ ସମସ୍ୟା ଥିଲା ସେମାନେ ଯେପରି ଶ୍ରେଣୀରେ ଅନ୍ୟ ଆଗରେ ପ୍ରଦର୍ଶିତ ନ ହୁଅନ୍ତି ସେଥିପାଇଁ ଏପରି ମୁଁ କଲି।

ପ୍ରତ୍ୟେକ ପ୍ରସଙ୍ଗ ଶେଷରେ ମୁଁ ଏବେ ଏହି ପ୍ରକାର କାର୍ଯ୍ୟ କରେ। ମୋ ଶିକ୍ଷାର୍ଥୀମାନେ ଏହାକୁ ଆଗକୁ ଦେଖିବାକୁ ଚାହାନ୍ତି। ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ସହାୟତା ଦେବା ପାଇଁ ଯଦି ଉଚ୍ଚସ୍ତରର ଉପଲବ୍ଧି ଥିବା ଗୋଟିଏ ଶିକ୍ଷାର୍ଥୀକୁ ମୁଁ ଏଥିରେ ସାମିଲ କରେ ତେବେ ଏହା ଅଧିକ ଫଳପ୍ରଦ ହୋଇପାରିବ।

ଟିକିଏ ଚିନ୍ତା କରନ୍ତୁ

- ଶ୍ରୀମତୀ ଅସୀମା ଓ ଶ୍ରୀଯୁକ୍ତ ଦାଶରଥୀ ସେମାନଙ୍କ ଶିକ୍ଷାର୍ଥୀମାନଙ୍କ ବନାନ ଦକ୍ଷତା ମୂଲ୍ୟାୟନ ପାଇଁ ପ୍ରୟୋଗ କରିଥିବା ସ୍ୱତନ୍ତ୍ର ପନ୍ଥାଗୁଡ଼ିକ ସମ୍ପର୍କରେ ଆପଣଙ୍କର ପ୍ରତିକ୍ରିୟା କ'ଣ ?
- ପ୍ରତ୍ୟେକ ପନ୍ଥାଗୁଡ଼ିକର ସୁବିଧା ଓ ଅସୁବିଧା କ'ଣ ଅଛି ବୋଲି ଆପଣ ଭାବୁଛନ୍ତି ?
- ଏଥିମଧ୍ୟରୁ କେଉଁ ପନ୍ଥାଟି ଆପଣଙ୍କ ସାମ୍ପ୍ରତିକ ଶ୍ରେଣୀଗୃହର ଅଭ୍ୟାସକୁ ଅତିନିକଟରୁ ପ୍ରତିଫଳିତ କରୁଛି ?

ଶ୍ରୀମତୀ ଅସୀମାଙ୍କ ମୂଲ୍ୟାୟନ ସମ୍ବନ୍ଧୀୟ ପନ୍ଥାର ସୁବିଧା ରହିଛି। କାରଣ ଏହା ଶ୍ରେଣୀ ସମୟରୁ ଅଳ୍ପ ସମୟ ନେଇଥାଏ। ତେବେ ଏହା ପରୀକ୍ଷଣକୁ ଅନ୍ୟ ଶିକ୍ଷଣଠାରୁ ପୃଥକ୍ କରିଦିଏ। ଏଥିସହିତ ଭଲ ପ୍ରଦର୍ଶନ କରୁ ନ ଥିବା ଶିକ୍ଷାର୍ଥୀମାନଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରେ। ଅପରପକ୍ଷରେ ଶ୍ରୀଯୁକ୍ତ ଦାଶରଥୀଙ୍କ ମୂଲ୍ୟାୟନ ପନ୍ଥା ସମୟ ସାପେକ୍ଷ ଅଟେ। କିନ୍ତୁ ଏହି ପ୍ରକ୍ରିୟା ଶିକ୍ଷାର୍ଥୀମାନଙ୍କୁ ସକ୍ରିୟ ଭାବରେ ସମ୍ପୃକ୍ତ କରିଥାଏ। ଶିକ୍ଷଣ ପାଇଁ କଥାବାର୍ତ୍ତାକୁ ଅନ୍ତର୍ଭୁକ୍ତ କରିବା ସହିତ ବନାନ ଅସୁବିଧା ଅନୁଭବ କରୁଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଏହା ସହାୟକ ହୋଇଥାଏ। ପରବର୍ତ୍ତୀ ସ୍ତରରେ ସାହାଯ୍ୟକାରୀ ପ୍ରତିପୁଷ୍ଟି ଯୋଗାଇ ଦେଇଥାଏ। ପ୍ରସଙ୍ଗ ବାହାର ମୂଲ୍ୟାୟନ ନ ହୋଇ ବାକ୍ୟରେ ଶବ୍ଦଗୁଡ଼ିକୁ ସନ୍ନିବିଷ୍ଟ କରି ଏହା କରାଯାଇଥିବାରୁ ବନାନ ପରୀକ୍ଷଣ ଅଧିକ ଅର୍ଥପୂର୍ଣ୍ଣ ହୋଇଥାଏ। ଦୀର୍ଘକାଳୀନ ଶିକ୍ଷଣ ଲାଭ ପାଇଁ ଏହି ପନ୍ଥା ଅଧିକ ଫଳପ୍ରଦ।

## ୪ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ନିଜ ଲିଖନକୁ ମୂଲ୍ୟାୟନ କରିବାକୁ ଉତ୍ସାହିତ କରିବା

ପାରମ୍ପରିକ ଭାବରେ ଶିକ୍ଷଣର ମୂଲ୍ୟାୟନ କେବଳ ଶିକ୍ଷକମାନଙ୍କର ଦାୟିତ୍ୱ ଭାବେ ବିଚାର କରାଯାଇ ଅଛି। ତେବେ ଅନେକ ଦେଶରେ ବହୁଳ ଭାବରେ ଶିକ୍ଷକମାନେ ଅନୁଭବ କରିବାକୁ ଆରମ୍ଭ କଲେଣି ଯେ ଶିକ୍ଷାର୍ଥୀମାନେ ସେମାନଙ୍କ ନିଜର ଅଗ୍ରଗତି ମୂଲ୍ୟାୟନ କରିବାରେ ସମ୍ପୃକ୍ତ ହୋଇପାରିବେ ଓ ହେବା ଉଚିତ ମଧ୍ୟ। ସ୍ୱ-ତଦାରଖ ବା ସ୍ୱ-ମୂଲ୍ୟାୟନ ବ୍ୟବସ୍ଥା ଥିଲେ ଶିକ୍ଷାର୍ଥୀମାନେ ନିଜ କାର୍ଯ୍ୟକୁ ବିଚାର କରିବେ ଓ ଏହାର ବିକାଶ ପାଇଁ ଉପାୟ ଚିହ୍ନଟ କରିବେ।

## ପରିସ୍ଥିତି ଅନୁଧ୍ୟାନ-୨ କୁ ପଢ଼ନ୍ତୁ

### ପରିସ୍ଥିତି ଅନୁଧ୍ୟାନ-୨ : ଗୋଟିଏ ନମ୍ବର ସିଡି ବ୍ୟବହାର କରିବା

ଶ୍ରୀମତୀ ମାନସୀ ଭୁବନେଶ୍ୱରର ଜଣେ ଶିକ୍ଷୟିତ୍ରୀ। ଏଠାରେ ସେ ସ୍ୱ-ମୂଲ୍ୟାୟନ ସାଧନୀ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଯାହାକୁ ସେ ସଫଳତାର ସହ ନିଜ ଶିକ୍ଷାର୍ଥୀମାନଙ୍କ ପାଖରେ ବ୍ୟବହାର କରିଛନ୍ତି।

ମୁଁ ଶିକ୍ଷାଦାନ ସମ୍ପର୍କିତ ଏକ ପ୍ରକାଶନ ପଢୁଥିବା ବେଳେ ନମ୍ବର ସିଡି ବିଷୟରେ ଶିଖିଲି। ମୁଁ ଏହାକୁ ମୋ ଶିକ୍ଷାର୍ଥୀମାନଙ୍କ ପାଖରେ ପ୍ରାକ୍ ପରୀକ୍ଷଣ କରିବାକୁ ସ୍ଥିର କଲି। ନମ୍ବର ସିଡ଼ିରେ ଶିକ୍ଷାର୍ଥୀମାନେ ସେମାନଙ୍କର ଗୋଟିଏ ଲେଖାକୁ ମୂଲ୍ୟାୟନ କରିବାକୁ ମୋ ସହିତ ସହଭାଗୀ ହୁଅନ୍ତି। ମୁଁ ଶିକ୍ଷଣ ଉଦ୍ଦେଶ୍ୟ ଗୁଡ଼ିକୁ ସ୍ଥିର କରିଦିଏ ବା ଆମ୍ଭେ ଉଭୟ ସ୍ଥିର କରୁ। (ଟେବୁଲ-୧ରେ ଏକ ଉଦାହରଣ ଦିଆଯାଇଛି) – ସିମନ୍ସ ଓ କୋରାନଓ – ୨୦୦୮

| | |
|---|---|
| ଶିକ୍ଷାର୍ଥୀର ନାମ | ରୋଜି ଦାସ |
| ଶ୍ରେଣୀ | ପଞ୍ଚମ |
| ଲିଖନ କାର୍ଯ୍ୟ | କାଳ୍ପନିକ ଗଳ୍ପ ଲିଖନ |

| ଶିକ୍ଷାର୍ଥୀ | ଲିଖନ ଉଦ୍ଦେଶ୍ୟ ସମୂହ | ଶିକ୍ଷକ |
|---|---|---|
| ✓ | ଗୋଟିଏ କାଳ୍ପନିକ ସ୍ଥାନ ବା ସମୟକୁ ନେଇ ମୋ ଗଳ୍ପଟି ପ୍ରସ୍ତୁତ | ✓ |
| ✓ | ଯାହା ଦେଖିହେବ ବା ଶୁଣିହେବ ବା ଛୁଇଁ ହେବ ତାହା ଏଥିରେ ବର୍ଣ୍ଣନା ହୋଇଛି | ✓ |
| ✓ | ଛଳନା ଚରିତ୍ରମାନ ରହିଛି | ✓<br>ଏହି ପ୍ରକାର ଅଧିକ ଚରିତ୍ର ତୁମ ଗଳ୍ପରେ ଦିଆଯାଇ ପାରିଥାନ୍ତା। ଗୋଟିଏ ପକ୍ଷୀର ରୂପସା ବୋଧହୁଏ ? |
| ✓ | ମ୍ୟାଜିକ/କୁହୁକ ଭଳି ସ୍ୱତନ୍ତ୍ର<br>ପ୍ରଭାବର ବ୍ୟବହାର ମୁଁ କରିଛି | ✓ |
| ମୁଁ ନିଶ୍ଚିତ ନୁହେଁ ଏହାକୁ କିପରି କରିବି। ମୁଁ | ମୁଁ କେତେକ ରୂପକ ଶବ୍ଦ ବ୍ୟବହାର କରିଛି | ତୁମେ ଗୋଟିଏ ଭଲ ଚେଷ୍ଟା କରିଛ। ବ୍ୟସ୍ତ ହୁଅ ନାହିଁ। ଆମେ ଏ ବିଷୟରେ କଥା ହେବା। |

| | | |
|---|---|---|
| ଚେଷ୍ଟା କରିଛି । | | |
| ✓ | ଗୋଟିଏ ପରିବେଶ ସୃଷ୍ଟି କରିବାକୁ ମୁଁ ବିଶେଷଣମାନ ବ୍ୟବହାର କରିଛି | ✓<br>ଆଉ କିଛି ଅଧିକ ଭଲ ହୋଇପାରିବ । |

| | |
|---|---|
| ମୋ ଗଳ୍ପର ଉନ୍ନତି ପାଇଁ ଆଉ କ'ଣ କରିପାରିବି | ମୋ ଗଳ୍ପଟିକୁ ଅନେକ ସମୟ ଧରି ମୁଁ ପଢ଼ିବା ଆବଶ୍ୟକ । ମୋ ବନାନ ପ୍ରତି ମୁଁ ଅଧିକ ଯତ୍ନବାନ ହେବା ଆବଶ୍ୟକ । ରୂପକ ଶବ୍ଦଗୁଡ଼ିକ ବିଷୟରେ ମୁଁ ଶିଖିବା ଆବଶ୍ୟକ । ମୁଁ ଲେଖିବା ଆରମ୍ଭ କରିବା ପୂର୍ବରୁ ମୋର ଗଳ୍ପ ବିଷୟରେ ମୁଁ ଚିନ୍ତା କରିବା ଦରକାର । |

ଗୋଟିଏ ନମ୍ବର ସିଡ଼ି ସାହାଯ୍ୟରେ ମୁଁ ସ୍ଥିର କରିଥିବା ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକୁ ନେଇ ପ୍ରଥମେ ଶିକ୍ଷାର୍ଥୀମାନେ ନିଜକୁ ମୂଲ୍ୟାୟନ କରନ୍ତି (ବାମପାଖ ଘର)

ଏହାପରେ ମୁଁ ସେମାନଙ୍କ କାର୍ଯ୍ୟକୁ ମୂଲ୍ୟାୟନ କରେ ଓ ସଂକ୍ଷେପରେ ଲିଖିତ ପ୍ରତିପୁଷ୍ଟି (ଡାହାଣ ପାଖ ଘର) ପ୍ରଦାନ କରେ । ପରବର୍ତ୍ତୀ କାର୍ଯ୍ୟ କରିବାକୁ ଯୋଜନା ଅନୁସାରେ ସେମାନେ ଲେଖନ୍ତି (ଶେଷ ଧାଡ଼ି) ଏହି ପ୍ରକ୍ରିୟା କେବଳ ଯେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଅଭିବୃଦ୍ଧି ତଦାରଖ କରିବାକୁ ନିୟୋଜିତ କରେ ତାହା ନୁହେଁ, ବରଂ ଅତିରିକ୍ତ ପଠନ ଓ ଲିଖନ ଅଭ୍ୟାସ ଶିକ୍ଷାର୍ଥୀମାନଙ୍କୁ ଦେଇଥାଏ ।

ଲିଖନ ବିକାଶର ଅନ୍ୟ କ୍ଷେତ୍ରଗୁଡ଼ିକରେ ମୁଁ ମୂଲ୍ୟାୟନ ସିଡ଼ିକୁ ବ୍ୟବହାର କରିପାରିବି ଯଥା: ଏହା ସୃଜନାତ୍ମକ ବା ତଥ୍ୟଭିତ୍ତିକ ହୋଇପାରେ । ସେହିପରି ସେମାନଙ୍କର ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକୁ ନେଇ ସବୁ ଦକ୍ଷତାର ଶିକ୍ଷାର୍ଥୀମାନଙ୍କ ସହିତ ଏହାକୁ ବ୍ୟବହାର କରିହେବ ।

ଗୋଟିଏ କାର୍ଯ୍ୟକୁ ଏକତ୍ର ମୂଲ୍ୟାୟନ କରିବାକୁ ସମୟ ସମୟରେ ମୁଁ ବୟସ୍କ ବା ଅଧିକ ଦକ୍ଷ ଶିକ୍ଷାର୍ଥୀଙ୍କ ସହ ଜଣେ କନିଷ୍ଠ ବା ଅଳ୍ପ ଦକ୍ଷ ଶିକ୍ଷାର୍ଥୀକୁ ନେଇ ଯୋଡ଼ି ଗଠନ କରେ । ମୋ ଶିକ୍ଷାର୍ଥୀମାନେ ସେମାନଙ୍କର ନମ୍ବର ସିଡ଼ିକୁ ସେମାନଙ୍କର ନୋଟ ଖାତାରେ ଲେଖିଦିଅନ୍ତି ଯାହା ଫଳରେ ମୁଁ ସେମାନଙ୍କର ଅଭିବୃଦ୍ଧିକୁ ଅତିରିକ୍ତ ସମୟରେ ପୁନଃ ସମୀକ୍ଷା କରିପାରିବି ।

ନିଜ ମୂଲ୍ୟାୟନରେ ଜଡ଼ିତ ହେବା ମୋ ଶିକ୍ଷାର୍ଥୀମାନଙ୍କ ପାଇଁ ଅତ୍ୟନ୍ତ ଆନନ୍ଦଦାୟୀ ଘଟଣା ଅଟେ । ଆମର ଦ୍ୱୈତ ଲିଖନ ବିନିମୟର ଫଳସ୍ୱରୂପ ମୁଁ ସେମାନଙ୍କ କାର୍ଯ୍ୟରେ ଅଭିବୃଦ୍ଧି ଦେଖିଛି ।



## ଟିକିଏ ଚିନ୍ତା କରନ୍ତୁ

- ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଏହି ପ୍ରକାର ଯୁଗ୍ମ ମୂଲ୍ୟାୟନ ସମ୍ପର୍କରେ ଆପଣ କିପରି ଅନୁଭବ କରନ୍ତି ? ଏହାର ଲାଭ ଗୁଡ଼ିକ କ'ଣ ? ଏହାର ସମ୍ଭାବ୍ୟ ଆହ୍ୱାନ ଗୁଡ଼ିକ କ'ଣ ?
- ନମ୍ବର ସିଡ଼ିରୁ ସୂଚନା କିପରି ଆପଣଙ୍କ ପାଠ ଯୋଜନାରେ କିପରି ସହାୟତା କରିବ ?

## ଶିକ୍ଷଣକାର୍ଯ୍ୟ ୫ : ଗୋଟିଏ ନମ୍ବର ସିଡ଼ି ପ୍ରସ୍ତୁତ କରିବା

ଟେବୁଲ ୧ର ଉଦାହରଣକୁ ମାର୍ଗଦର୍ଶକ ଭାବେ ବ୍ୟବହାର କରି ଆପଣଙ୍କ ଶିକ୍ଷାର୍ଥୀମାନେ ଜଡ଼ିତ ଥିବା ଲିଖନ ବିକାଶ ପାଇଁ ଆପଣ ନିଜର ନମ୍ବର ସିଡ଼ି ତିଆରି କରନ୍ତୁ।

ଟେବୁଲ-୨ ନମ୍ବର ସିଡ଼ିର ଆରମ୍ଭ ପ୍ରଦର୍ଶିତ କରିଥାଏ ଯାହା ବର୍ଣ୍ଣନାତ୍ମକ ଲିଖନର ମୂଲ୍ୟାୟନ କରେ। ଆପଣଙ୍କ ପାଠକୁ ସର୍ବୋତ୍ତମ ଭାବେ ସୁହାଇଲା ଭଳି ଆପଣ ସିଡ଼ିକୁ ବ୍ୟବହାର କରିପାରିବେ।

ଟେବୁଲ-୨ : ନମ୍ବର ସିଡ଼ିର ଆରମ୍ଭ ଯାହା ବର୍ଣ୍ଣନାତ୍ମକ ଲିଖନର ମୂଲ୍ୟାୟନ କରେ।

| | |
|---|---|
| ଶିକ୍ଷାର୍ଥୀର ନାମ | |
| ଶ୍ରେଣୀ | |
| ଲିଖନ କାର୍ଯ୍ୟ | ବର୍ଣ୍ଣନାତ୍ମକ ଲିଖନ |

| ଶିକ୍ଷାର୍ଥୀ | ଲିଖନ ଉଦ୍ଦେଶ୍ୟ ସମୂହ | ଶିକ୍ଷକ |
|---|---|---|
| | ମୁଁ ସ୍ପଷ୍ଟ କରି ଲେଖେ ଯାହା ବର୍ଣ୍ଣନା କରାଯାଇଥାଏ।<br>ମୁଁ ବିଭିନ୍ନ ପ୍ରକାର ବିଶ୍ଳେଷଣ ସାମିଲ କରେ।<br>ମୁଁ ସ୍ପଷ୍ଟ ଓ ଉପଯୁକ୍ତ ଭାଷା ବ୍ୟବହାର କରେ। | |

| | |
|---|---|
| ମୋ ଗଳ୍ପର ଉନ୍ନତି ପାଇଁ ଆଉ କ'ଣ କରିପାରିବି | |

ଥରେ ଆପଣ ଆପଣଙ୍କର ନମ୍ବର ସିଡ଼ି ପ୍ରସ୍ତୁତ କରି ସାରିବା ପରେ ଏହାର ଫଟୋ କପି କରି ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବଣ୍ଟନ କରନ୍ତୁ। ଯଦି ସମ୍ଭବ ଏହାର ଏକ ସମ୍ପୂର୍ଣ୍ଣ ଉଦାହରଣର ପ୍ରୟୋଗ କରି ସେମାନଙ୍କୁ ବୁଝାଇ ଦିଅନ୍ତୁ।

ଗୋଟିଏ ମାସ ସମୟ ବା ନିର୍ଦ୍ଦିଷ୍ଟ କାଳ ଧରି ଏହି ସିଡ଼ିକୁ ବ୍ୟବହାର କରନ୍ତୁ। ଆଉ ଏହା ମଧ୍ୟ ନିଶ୍ଚିତ କରନ୍ତୁ ଯେ ଆପଣଙ୍କ ସମସ୍ତ ଶିକ୍ଷାର୍ଥୀଙ୍କୁ ସେହି ସମୟ ଅବଧିରେ ପ୍ରତିପୁଷ୍ଟି ପ୍ରଦାନ କରାଯାଇଛି।



### ଟିକିଏ ଚିନ୍ତା କରନ୍ତୁ

- ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ସହିତ ନମ୍ବର ସିଡ଼ି ବ୍ୟବହାର କରିବାର କିପରି ଅଭିଜ୍ଞତା ପାଇଲେ ?
- ସେମାନେ କିପରି ପ୍ରତିକ୍ରିୟା ପ୍ରକାଶ କଲେ ?
- ନମ୍ବର ସିଡ଼ି ବ୍ୟବହାର ଫଳସ୍ୱରୂପ ସେମାନଙ୍କର ଭାଷା ଓ ସାକ୍ଷରତା ବିକାଶରେ ଆପଣ କିଛି ଲାଭ ଦେଖିପାରିଲେ କି ?

- ଆପଣଙ୍କ ପାଠ ଯୋଜନାକୁ ଉପଯୁକ୍ତ ଭାବେ କାର୍ଯ୍ୟ କରିବା ପାଇଁ ଏହି ମୂଲ୍ୟାୟନ କୌଶଳକୁ ଆପଣ କେଉଁ ଉପାୟରେ ବ୍ୟବହାର କରିବେ ?

ସମ୍ବଳ-୨ : "ଅଭିବୃଦ୍ଧି ଓ କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ କରିବା" ଫଳପ୍ରଦ ମୂଲ୍ୟାୟନ ଅଭ୍ୟାସ ଉପରେ ଅଧିକ ସୂଚନା ଓ ଉପଦେଶ ଯୋଗାଇଥାଏ ।


ଭିଡିଓ : ଅଭିବୃଦ୍ଧି ଓ କାର୍ଯ୍ୟ ସମ୍ପାଦନ ମୂଲ୍ୟାୟନ କରିବା

## ୫ ସାରାଂଶ

ଶିକ୍ଷାର୍ଥୀମାନଙ୍କ ଭାଷା ଶ୍ରେଣୀମାନଙ୍କରେ ଚାଲୁଥିବା ଧାରାରେ ତଦାରଖ, ମୂଲ୍ୟାୟନ ଓ ପ୍ରତିପୁଷ୍ଟି ପ୍ରଦାନ କାର୍ଯ୍ୟଗୁଡ଼ିକୁ ସମନ୍ୱିତ କରିବାର ଉପାୟ ଗୁଡ଼ିକ ଏହି ଏକକରେ ବର୍ଣ୍ଣନା କରାଯାଇଛି । ଏହି ଅଭ୍ୟାସ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ କ୍ରମଶଃ ବିକଶିତ ହେଉଥିବା କଥନ ଓ ଲିଖନ ଦକ୍ଷତା ସମ୍ପର୍କିତ ମୂଲ୍ୟବାନ ସୂଚନା ଯୋଗାଇପାରିବ । ଏହା ଫଳରେ ବ୍ୟକ୍ତିଗତ ଓ ସମଗ୍ର ଶ୍ରେଣୀ ଆବଶ୍ୟକତାକୁ ଖାପ ଖାଇଲା ଭଳି ଆପଣ ଶିକ୍ଷାଦାନକୁ ଗ୍ରହଣ କରିବାରେ ସକ୍ଷମ ହେବେ । ଅଭ୍ୟାସ ସହିତ ଶିକ୍ଷାଦାନ, ତଦାରଖ, ମୂଲ୍ୟାୟନ ଆଦିକୁ ସଂଯୋଗ କରିବା ଓ ପ୍ରତିପୁଷ୍ଟି ପ୍ରଦାନ ଶ୍ରେଣୀଗୃହରେ ଆପଣଙ୍କ ଭୂମିକାର ଏକ ବାସ୍ତବ ଅଂଶରେ ପରିଣତ ହୋଇଯିବ ।

## ସମ୍ବଳ ସମୂହ

### ସମ୍ବଳ-୧ : ତଦାରଖ ଓ ପ୍ରତିପୁଷ୍ଟି ପ୍ରଦାନ କରିବା

ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ସମ୍ପାଦନର ବିକାଶରେ ଧାରାବାହିକ ତଦାରଖ ଓ ସେମାନଙ୍କ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା ନିହିତ ଥାଏ । ଏହାଦ୍ୱାରା ସେମାନଙ୍କଠାରୁ କ'ଣ ଆଶା କରାଯାଏ ତାହା ସେମାନେ ଜାଣିବେ ଓ କାର୍ଯ୍ୟ ସମ୍ପାଦନ ପରେ ସେମାନେ ତତ୍ ସମ୍ପର୍କିତ ପ୍ରତିପୁଷ୍ଟି ପାଇବେ । ଆପଣଙ୍କ ଗଠନମୂଳକ ପ୍ରତିପୁଷ୍ଟି ମାଧ୍ୟମରେ ସେମାନେ ତାଙ୍କର କାର୍ଯ୍ୟ ସମ୍ପାଦନକୁ ଅଭିବୃଦ୍ଧି କରିପାରିବେ ।

### ତଦାରଖ କରିବା

ଅଧିକାଂଶ ସମୟରେ ସଫଳ ଶିକ୍ଷକମାନେ ସେମାନଙ୍କ ଶିକ୍ଷାର୍ଥୀମାନଙ୍କୁ ତଦାରଖ କରନ୍ତି । ସାଧାରଣତଃ ଅଧିକାଂଶ ଶିକ୍ଷକ ସେମାନଙ୍କର ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟକୁ ଶ୍ରେଣୀରେ ଶୁଣି ଓ ପର୍ଯ୍ୟବେକ୍ଷଣ କରି ତଦାରଖ କରନ୍ତି । ଶିକ୍ଷାର୍ଥୀମାନଙ୍କ ଅଭିବୃଦ୍ଧିକୁ ତଦାରଖ କରିବା ଅଧିକ ଚିନ୍ତନଯୁକ୍ତ ଅଟେ କାରଣ ଏହା ସେମାନଙ୍କୁ ନିମ୍ନମତେ ସାହାଯ୍ୟ କରେ – ଯେପରି

- ଉଚ୍ଚତର ସ୍ତର ହାସଲ କରିବା
- ସେମାନଙ୍କର କାର୍ଯ୍ୟ ସମ୍ପାଦନ ବିଷୟରେ ଅଧିକ ସଚେତନ ହେବା ଓ ଶିକ୍ଷଣ ପ୍ରତି ଅଧିକ ଦାୟିତ୍ୱବାନ ହେବା
- ସେମାନଙ୍କ ଶିକ୍ଷଣର ଅଭିବୃଦ୍ଧି କରିବା
- ରାଜ୍ୟ ଓ ସ୍ଥାନୀୟ ମାନକ ପରୀକ୍ଷଣରେ (Standardised test) ଉପଲବ୍ଧି ଆଶା କରିବା

ଏହା ମଧ୍ୟ ଜଣେ ଶିକ୍ଷକ ଭାବରେ ଆପଣଙ୍କୁ ସ୍ଥିର କରିବାରେ ସାହାଯ୍ୟ କରିବ –

- କେତେବେଳେ ପ୍ରଶ୍ନ ପଚାରିବେ ବା ସହାୟକ ସୂଚନା ଦେବେ

- କେତେବେଳେ ପ୍ରଶଂସା କରିବେ
- ଆହ୍ୱାନ କରିବେ
- ଗୋଟିଏ କାର୍ଯ୍ୟରେ କିପରି ବିଭିନ୍ନ ଦଳର ଶିକ୍ଷାର୍ଥୀମାନଙ୍କୁ ସାମିଲ କରିବେ
- ତ୍ରୁଟିଗୁଡ଼ିକ ବିଷୟରେ କ'ଣ କରିବେ

ଶିକ୍ଷାର୍ଥୀମାନେ ଯେତେବେଳେ ସେମାନଙ୍କର ଅଭିବୃଦ୍ଧି ସମ୍ପର୍କରେ ସ୍ପଷ୍ଟ ଓ ତ୍ୱରିତ୍ ପ୍ରତିପୁଷ୍ଟି ପାଇଥାନ୍ତି, ସେମାନେ ଅଧିକ ଅଭିବୃଦ୍ଧି ହାସଲ କରିନ୍ତି। ତଦାରଖ ମାଧ୍ୟମରେ ଆପଣ ନିୟମିତ ପ୍ରତିପୁଷ୍ଟି ପ୍ରଦାନ କରିବାକୁ ସକ୍ଷମ ହେବେ। ଏଥିସହିତ ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ କରୁଛନ୍ତି ଜାଣିବେ ଓ ତାଙ୍କ ଶିକ୍ଷଣର ବିକାଶ ପାଇଁ ଆଉ କ'ଣ ଆବଶ୍ୟକ ତାହା ସେମାନେ ଜାଣିବାରେ ସକ୍ଷମ ହେବେ।

ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ନିଜ ଶିକ୍ଷଣ ଲକ୍ଷ୍ୟ ସ୍ଥିର କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଆପଣ ଏକ ପ୍ରକାର ଆହ୍ୱାନର ସାମନା କରିବେ ଯାହା ସ୍ୱତଦାରଖ ରୂପେ ଜଣାଶୁଣା। ବିଶେଷତଃ ପଛୁଆ ଶିକ୍ଷାର୍ଥୀମାନେ ସେମାନଙ୍କ ନିଜ ଶିକ୍ଷଣର ଦାୟିତ୍ୱ ନେବାରେ ଅଭ୍ୟସ୍ତ ନୁହନ୍ତି। କିନ୍ତୁ ଆପଣ ଯେ କୌଣସି ଶିକ୍ଷାର୍ଥୀଙ୍କୁ ଗୋଟିଏ ପ୍ରକଳ୍ପ ପାଇଁ ସେମାନଙ୍କର ଲକ୍ଷ୍ୟ ନିର୍ଦ୍ଧାରଣ କରିବାରେ ସାହଯ୍ୟ କରିପାରବେ। ସେମାନଙ୍କ କାର୍ଯ୍ୟର ଯୋଜନା, ସମୟସୀମା ନିର୍ଦ୍ଧାରଣ ଓ ସେମାନଙ୍କର ଅଭିବୃଦ୍ଧିର ସ୍ୱତଦାରଖ ମଧ୍ୟ କରିପାରିବେ। ସ୍ୱତଦାରଖ ପ୍ରକ୍ରିୟାର ଅଭ୍ୟାସ କରିବା ଓ ଦକ୍ଷତା ହାସଲ କରିବା ଫଳରେ ସେମାନେ ବିଦ୍ୟାଳୟରେ ଏପରିକି ସାରା ଜୀବନରେ ଉପକୃତ ହେବେ।

## ଶିକ୍ଷାର୍ଥୀମାନଙ୍କୁ ଶୁଣିବା ଓ ପର୍ଯ୍ୟବେକ୍ଷଣ କରିବା

ଅଧିକାଂଶ ସମୟରେ ଶିକ୍ଷାର୍ଥୀମାନଙ୍କୁ ଶୁଣିବା ଓ ପର୍ଯ୍ୟବେକ୍ଷଣ କରିବା ବାସ୍ତବରେ ଶିକ୍ଷକମାନଙ୍କ ଦ୍ୱାରା ହୋଇଥାଏ। ଏହା ଏକ ସାଧାରଣ ତଦାରଖ ସାଧନୀ ଅଟେ। ଉଦାହରଣ ସ୍ୱରୂପ ଆପଣ –

- ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ସରବ ପଠନକୁ ଶୁଣିପାରନ୍ତି।
- ଯୋଡ଼ି ବା ଦଳଗତ କାର୍ଯ୍ୟରେ ଆଲୋଚନା ଶୁଣିପାରନ୍ତି।
- ବାହାରେ ବା ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସମ୍ବଳ ବିନିଯୋଗ ପର୍ଯ୍ୟବେକ୍ଷଣ କରିପାରନ୍ତି।
- କାର୍ଯ୍ୟ କରୁଥିବା ବେଳେ ଦଳର ଠାରୁ ଭାଷାକୁ (Body language) ପର୍ଯ୍ୟବେକ୍ଷଣ କରିପାରନ୍ତି।

ଏହା ନିଶ୍ଚିତ କରନ୍ତୁ ଯେ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଓ ଅଭିବୃଦ୍ଧି ସମ୍ପର୍କିତ ତଥ୍ୟ ସତ୍ୟ ଅଟେ। ଯାହା ଆପଣ ଦେଖିପାରିବେ, ଶୁଣିପାରିବେ, ପ୍ରମାଣିତ କରିପାରିବେ ବା ହିସାବକୁ ନେଇପାରିବେ।

ଶିକ୍ଷାର୍ଥୀମାନେ କାର୍ଯ୍ୟ କରୁଥିବା ସମୟରେ ସଂକ୍ଷିପ୍ତ ପର୍ଯ୍ୟବେକ୍ଷଣ ନୋଟ୍ ପ୍ରସ୍ତୁତ କରିବାକୁ ଶ୍ରେଣୀରେ ବୁଲନ୍ତୁ। କେଉଁ ଶିକ୍ଷାର୍ଥୀ ଅଧିକ ସହାୟତା ଆବଶ୍ୟକ କରେ ଆଉ ମଧ୍ୟ କ୍ରମ ବିକଶିତ ଅବୁଝାମଣା ଆଦିକୁ ଲେଖିବା ପାଇଁ ଆପଣ ଏକ ଶ୍ରେଣୀ ତାଲିକା ବ୍ୟବହାର କରିପାରିବେ। ଆପଣ ସମଗ୍ର ଶ୍ରେଣୀକୁ ପ୍ରତିପୁଷ୍ଟି ପ୍ରଦାନ କରିବାକୁ ବା ସହାୟକ ସୂଚନା ଦେବାକୁ ଓ ବ୍ୟକ୍ତିଗତ ବା ଦଳରେ ଉତ୍ସାହିତ କରିବାକୁ ଏହି ପର୍ଯ୍ୟବେକ୍ଷଣ ଓ ନୋଟଗୁଡ଼ିକୁ ବ୍ୟବହାର କରିପାରିବେ।

## ପ୍ରତିପୁଷ୍ଟି ପ୍ରଦାନ କରିବା

ପ୍ରତିପୁଷ୍ଟି ସୂଚନା ଅଟେ ଯାହା ଆପଣ ଜଣେ ଶିକ୍ଷାର୍ଥୀ ନିର୍ଦ୍ଧାରିତ ଲକ୍ଷ୍ୟ ବା ଇପ୍ସିତ ଫଳାଫଳ ଅନୁସାରେ କିପରି କାର୍ଯ୍ୟ ସମ୍ପାଦନ କରିଥାଏ ସେହି ଅନୁସାରେ ପ୍ରଦାନ କରିଥାନ୍ତି। ପ୍ରଭାବଶାଳୀ ପ୍ରତିପୁଷ୍ଟି ଶିକ୍ଷାର୍ଥୀମାନଙ୍କୁ ନିମ୍ନ ବିଷୟ ଯୋଗାଇଥାଏ –

- କ'ଣ ଘଟିଲା ସେ ବିଷୟରେ ସୂଚନା
- କାର୍ଯ୍ୟ ବା ଦାୟିତ୍ୱ କିପରି ଭଲ ଭାବରେ ସମ୍ପାଦିତ ହେଲା ସେ ବିଷୟରେ ଏକ ମୂଲ୍ୟାୟନ
- ସେମାନଙ୍କ କାର୍ଯ୍ୟ ସମ୍ପାଦନ କିପରି ଅଭିବୃଦ୍ଧି ହୋଇପାରିବ ସେ ସମ୍ପର୍କିତ ମାର୍ଗଦର୍ଶିକା

ଆପଣ ଯେତେବେଳେ ପ୍ରତି ଶିକ୍ଷାର୍ଥୀଙ୍କୁ ପ୍ରତିପୁଷ୍ଟି ପ୍ରଦାନ କରନ୍ତି ଏହା ସେମାନଙ୍କୁ ଜାଣିବାରେ ସାହାଯ୍ୟ କରେ –

- ପ୍ରକୃତରେ ସେମାନେ କ'ଣ କରିପାରିବେ
- ଏ ପର୍ଯ୍ୟନ୍ତ ସେମାନେ କ'ଣ କରିପାରିବେ ନାହିଁ
- ସେମାନଙ୍କ କାମ ଅନ୍ୟମାନଙ୍କ ସହିତ କିପରି ତୁଳନୀୟ
- ସେମାନେ କିପରି ଅଭିବୃଦ୍ଧି କରିପାରିବେ

ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରଭାବଶାଳୀ ପ୍ରତିପୁଷ୍ଟି ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରେ । ଆପଣ ଶିକ୍ଷଣକୁ ବାଧା ଦେବାକୁ ଚାହିଁବେ ନାହିଁ କାରଣ ଆପଣଙ୍କର ପ୍ରତିପୁଷ୍ଟି ଅସ୍ପଷ୍ଟ ବା ଅନୁଚିତ ଅଟେ । ପ୍ରଭାବଶାଳୀ ପ୍ରତିପୁଷ୍ଟି ହେଉଛି–

- ନେବାକୁ ଥିବା କାର୍ଯ୍ୟ ଓ ଶିକ୍ଷଣ ଯାହା ଶିକ୍ଷାର୍ଥୀମାନେ କରିବାକୁ ଚାହାନ୍ତି ତାହା ଉପରେ କେନ୍ଦ୍ରୀଭୂତ କରିବା
- ସ୍ପଷ୍ଟ ଓ ସତ୍ୟ ଆଧାରିତ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପାଇଁ ଯାହା ଭଲ ଓ ବିକାଶ ପାଇଁ ଆବଶ୍ୟକ ତାହା କହିବା ।
- ଅଭିଯୋଜନୀୟ: ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟ ଅନୁସାରେ କରିବାକୁ କହିବା
- ଯଥା ଯୋଗ୍ୟ ଭାଷାରେ କହିବା ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ବୁଝିପାରିବେ ।
- ଠିକ୍ ସମୟରେ ଦେବା – ଯଦି ଏହା ଖୁବ୍ ଶୀଘ୍ର ଦିଆଯାଏ, ଶିକ୍ଷାର୍ଥୀମାନେ ଭାବିବେ ଯେ ମୁଁ ତ ଏବେ ତାହା କରିବାକୁ ଯାଉଥିଲି । ଯଦି ବିଶେଷ ବିଳମ୍ବରେ ଦିଆଯାଏ ଶିକ୍ଷାର୍ଥୀମାନଙ୍କ ଧ୍ୟାନ ଅନ୍ୟତ୍ର କେନ୍ଦ୍ରୀଭୂତ ହୋଇଥିବ ଓ ସେମାନେ ପଛକୁ ଫେରିବାକୁ ଚାହିଁବେ ନାହିଁ । ଯାହା କରିବାକୁ କୁହାଯାଇଛି କରିବେ ।

ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ପୁସ୍ତିକାରେ ଦିଆଯାଇଥିବା ପ୍ରତିପୁଷ୍ଟି କଥିତ ବା ଲିଖିତ ହୋଇପାରେ, ଅଧିକ ଫଳପ୍ରଦ ହୋଇପାରିବ ଯଦି ନିମ୍ନରେ ଦିଆଯାଇଥିବା ମାର୍ଗଦର୍ଶିକାକୁ ଅନୁସରଣ କରାଯାଏ ।

## ପ୍ରଶଂସା ଓ ସକାରାତ୍ମକ ଭାଷା ପ୍ରୟୋଗ କରିବା

ସମାଲୋଚିତ ବା ସଂଶୋଧିତ ହେବା ଠାରୁ ଆମେ ଅଧିକ ଭଲ ଅନୁଭବ କରୁ ଯେତେବେଳେ ଆମେ ପ୍ରଶଂସିତ ଓ ଉତ୍ସାହିତ ହୋଇଥାଉ । ପୁନର୍ବଳନ ଓ ସକାରାତ୍ମକ ଭାଷା ସମଗ୍ର ଶ୍ରେଣୀ ଓ ସବୁ ବୟସର ବ୍ୟକ୍ତିମାନଙ୍କ ପାଇଁ ଅଭିପ୍ରେରଣାଦାୟକ ଅଟେ । ମନେ ରଖିବା ଦରକାର ଯେ ପ୍ରଶଂସା ଶିକ୍ଷାର୍ଥୀମାନଙ୍କ ବିଷୟରେ ନ ହୋଇ ନିର୍ଦ୍ଦିଷ୍ଟ ହୋଇଥିବା କାର୍ଯ୍ୟକୁ ଆଧାର କରି ହେବା ଉଚିତ । ବ୍ୟତିରେକେ ଏହା ଶିକ୍ଷାର୍ଥୀମାନଙ୍କ ଅଭିବୃଦ୍ଧିରେ ସହାୟକ ହୋଇପାରିବ ନାହିଁ । 'ଭଲ କରିଛ' ଏହା ଏକ ଅନିର୍ଦ୍ଦିଷ୍ଟ ଉକ୍ତି । ତେଣୁ ନିମ୍ନୋକ୍ତ ମଧ୍ୟରୁ ଗୋଟିଏ ଉକ୍ତି କହିବା ସବୁଠାରୁ ଭଲ ।



## ସଂଶୋଧନ ତଥା ସହାୟକ ସୂଚନା ବ୍ୟବହାର କରିବା

ଶିକ୍ଷାର୍ଥୀମାନଙ୍କ ସହିତ କରୁଥିବା କଥୋପକଥନ ସେମାନଙ୍କ ଶିକ୍ଷଣକୁ ସାହାଯ୍ୟ କରେ। ଯଦି ଆପଣ ସେମାନଙ୍କୁ କୁହନ୍ତି ଯେ ଉତ୍ତରଟି ଭୁଲ ଓ କଥୋପକଥନ ସେଠାରେ ଶେଷ କରନ୍ତି, ତେବେ ଆପଣ ସେମାନଙ୍କୁ ଚିନ୍ତା କରିବାରେ ଓ ନିଜ ପାଇଁ ଚେଷ୍ଟା କରିବାର ସୁଯୋଗକୁ ଆପଣ ହରାଇଲେ। ଏହା ପରିବର୍ତ୍ତେ ଯଦି ଆପଣ ସୂଚନା ଦିଅନ୍ତି ବା ଅନ୍ୟ ଏକ ପ୍ରଶ୍ନ ପଚାରନ୍ତି ତେବେ ଆପଣ ଗଭୀର ଭାବରେ ଚିନ୍ତା କରିବା ପାଇଁ ସେମାନଙ୍କୁ ସହାୟକ ସୂଚନା ଦେଲେ ଏବଂ ସେମାନଙ୍କୁ ଉତ୍ତର ପାଇବା ପାଇଁ ଉତ୍ସାହିତ କଲେ। ଫଳତଃ ସେମାନେ ନିଜ ଶିକ୍ଷଣର ଦାୟିତ୍ୱ ନେବେ। ଉଦାହରଣ ସ୍ୱରୂପ ଆପଣ ଏପରି କହି ସେମାନଙ୍କୁ ଭଲ ଉତ୍ତର ପାଇଁ ଉତ୍ସାହିତ କରିପାରିବେ ବା ଗୋଟିଏ ସମସ୍ୟା ସମ୍ପର୍କରେ ବିଭିନ୍ନ ଦିଗରୁ ସହାୟକ ସୂଚନା ଦେଇପାରିବେ ଯଥା:

ଏହା ଗୋଟିଏ ଭଲ ଆରମ୍ଭ। ଏବେ ଏ ବିଷୟରେ ଆଉ କେତେକ ଅଧିକ ଚିନ୍ତନ...

ଆଉ ଥରେ ଭାବନ୍ତୁ...

ଆପଣ ଏହା ସହିତ କିପରି ଆସିଲେ ବୁଝାନ୍ତୁ...

ଅନ୍ୟ ଶିକ୍ଷାର୍ଥୀମାନେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଉତ୍ସାହିତ କରିବାରେ ଏହା ଉପଯୁକ୍ତ ହୋଇପାରେ । ଶ୍ରେଣୀର ଅନ୍ୟମାନଙ୍କୁ ଏପରି ମତ ସହ ପ୍ରଶ୍ନ ପଚାରି ଆପଣ ଏହାକୁ ଆରମ୍ଭ କରିପାରିବେ ଯଥା –

ଦଳଗୁଡ଼ିକ ପରସ୍ପରକୁ ସାହାଯ୍ୟ କରିବା ମୁଁ ଦେଖିବାକୁ ଚାହେଁ

କେହି ଜଣେ ସେହି ଉତ୍ତର ସହ ଯୋଡ଼ି ପାରିବେ ?

ତେବେ ଆମ ପାଖରେ ଦୁଇଟି ଉତ୍ପାଦକ ଅଛି । ଆମେ ଅନ୍ୟ କେଉଁ ଉତ୍ପାଦକଗୁଡ଼ିକ କଥା ବିଚାର କରିବା ?

ବନାନ ବା ସଂଖ୍ୟା ଅଭ୍ୟାସ ଭଳି କାର୍ଯ୍ୟ ପାଇଁ ଶିକ୍ଷାର୍ଥୀମାନଙ୍କୁ 'ହଁ' ବା 'ନା'ରେ ସଂଶୋଧନ କରିବା ଯଥାଯଥ ହୋଇପାରେ କିନ୍ତୁ ଏପରିକି ଏଠାରେ ଶିକ୍ଷାର୍ଥୀମାନଙ୍କ ଉତ୍ତରରେ ନୂଆ ଧାରା ଦେଖିବା ପାଇଁ ଆପଣ ସହାୟକ ସୂଚନା ଦେଇପାରିବେ। ଏଥି ସହିତ ସମାନ ଉତ୍ତରକୁ ଆଧାର କରି ସଂଶୋଧନ କରିପାରିବେ ବା କାହିଁକି ଏକ ନିର୍ଦ୍ଦିଷ୍ଟ ଉତ୍ତର ଠିକ୍ ନୁହେଁ ସେ ବିଷୟରେ ଆଲୋଚନା କରିପାରିବେ।

ସ୍ୱ ସଂଶୋଧନ ବା ସହପାଠୀ ସଂଶୋଧନ ଫଳପ୍ରଦ ଅଟେ ଓ ଆପଣ ଏହାକୁ ଶିକ୍ଷାର୍ଥୀମାନଙ୍କୁ ନିଜର ଓ ପ୍ରତ୍ୟେକ ପ୍ରତ୍ୟେକଙ୍କର କାର୍ଯ୍ୟକୁ ତଦାରଖ କରିବାକୁ ଉତ୍ସାହିତ କରି ପାରିବେ ଯେତେବେଳେ ସେମାନେ ଯୋଡ଼ିରେ ବା ଦଳରେ କାର୍ଯ୍ୟଗୁଡ଼ିକୁ କରୁଥିବେ। ଏକ ସମୟରେ ଗୋଟିଏ ଦିଗର ସଂଶୋଧନ ଉପରେ କେନ୍ଦ୍ରୀଭୂତ କରିବା ସବୁଠାରୁ ଭଲ। ଯାହାଦ୍ୱାରା ଅତ୍ୟଧିକ ଦ୍ୱନ୍ଦ୍ୱାତ୍ମକ ସୂଚନା ରହିବ ନାହିଁ।

## ସମ୍ବଳ-୨ : ଅଭିବୃଦ୍ଧି ଓ କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ କରିବା

ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ମୂଲ୍ୟାୟନର ଦୁଇଟି ଦିଗ ରହିଛି।

- ସମାପ୍ତି ସୂଚକ ମୂଲ୍ୟାୟନ ପଛକୁ ଦେଖେ ଓ ଯାହା ଶିଖା ସରିଛି ତାହା ଉପରେ ଫଳାଫଳ ପ୍ରସ୍ତୁତ କରେ। ଏହା ବାରମ୍ବାର ବର୍ଗୀକରଣ ହୋଇଥିବା ପରୀକ୍ଷଣ ଆକାରରେ ପରିଚାଳିତ ହୋଇଥାଏ। ଏହି ପରୀକ୍ଷଣର ଥିବା ପ୍ରଶ୍ନଗୁଡ଼ିକ ଆଧାରରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଯୋଗ୍ୟତା/ସାମର୍ଥ୍ୟ ପ୍ରଦର୍ଶନ କରିବାକୁ କୁହାଯାଏ। ଫଳାଫଳ ଉପସ୍ଥାପନରେ ଏହା ମଧ୍ୟ ସହାୟକ।
- ଗଠନମୂଳକ ମୂଲ୍ୟାୟନ (ବା ଶିକ୍ଷଣ ପାଇଁ ମୂଲ୍ୟାୟନ) ସମ୍ପୂର୍ଣ୍ଣ ଭିନ୍ନ ଅଟେ। କାରଣ ଏହା ଅଧିକ ଅନୌପଚାରିକ ଓ ନିର୍ଣ୍ଣାୟକ ଅଟେ। ଶିକ୍ଷକମାନେ ଏହାକୁ ଶିକ୍ଷଣ ପ୍ରକ୍ରିୟାର ଅଂଶ ଭାବେ ବ୍ୟବହାର କରନ୍ତି। ଉଦାହରଣ ସ୍ୱରୂପ ଶିକ୍ଷାର୍ଥୀମାନେ କିଛି ବୁଝିଛନ୍ତି କି ନାହିଁ ତଦାରଖ କରିବାକୁ ପ୍ରଶ୍ନ ପଚାରିବା। ପରବର୍ତ୍ତୀ ଶିକ୍ଷଣ ଅଭିଜ୍ଞତାର ପରିବର୍ତ୍ତନ ପାଇଁ ଏହି ମୂଲ୍ୟାୟନର ଫଳାଫଳ ବ୍ୟବହୃତ ହୋଇଥାଏ। ତଦାରଖ ଓ ପ୍ରତିପୁଷ୍ଟି ଗଠନମୂଳକ ମୂଲ୍ୟାୟନର ଅଂଶବିଶେଷ।

ଗଠନମୂଳକ ମୂଲ୍ୟାୟନ ଶିଖିବା ପାଇଁ ଶିକ୍ଷଣ ଅଭିବୃଦ୍ଧି ସଂଗଠିତ କରେ କାରଣ ଅଧିକାଂଶ ଶିକ୍ଷାର୍ଥୀ ଶିଖିବା ପାଇଁ ନିଶ୍ଚିତ-

- ବୁଝିବେ, କ'ଣ ସେମାନଙ୍କଠାରୁ ଶିଖିବା ଆଶା କରାଯାଏ।
- ଜାଣିବେ, ବର୍ତ୍ତମାନ ସେମାନେ ସେହି ଶିକ୍ଷଣ ସହିତ କେଉଁଠି ଅଛନ୍ତି।
- ବୁଝିବେ, କିପରି ସେମାନେ ଅଭିବୃଦ୍ଧି କରିପାରିବେ (ଯଥା କ'ଣ ପଢ଼ିବେ ଓ କିପରି ପଢ଼ିବେ)।
- ଜାଣିବେ, କେତେବେଳେ ସେମାନେ ଲକ୍ଷ୍ୟ ସମୂହ ଓ ଇପ୍ସିତ ଫଳାଫଳରେ ପହଞ୍ଚିଛନ୍ତି।

ଜଣେ ଶିକ୍ଷକ ଭାବରେ ଶିକ୍ଷାର୍ଥୀମାନଙ୍କ ଠାରୁ ସର୍ବୋତ୍ତମ ଫଳ ପାଇପାରିବେ ଯଦି ଆପଣ ପ୍ରତ୍ୟେକ ପାଠରେ ଉପରୋକ୍ତ ଚାରୋଟି ସୂଚନାକୁ ହାସଲ କରି ପାରନ୍ତି। ତେବେ ମୂଲ୍ୟାୟନ ସୂଚନା ଦେବା ପୂର୍ବରୁ, ଦେବା ମଧ୍ୟରେ ଓ ଦେବା ପରେ ମୂଲ୍ୟାୟନ କରାଯାଇ ପାରିବ।

- ପୂର୍ବରୁ: ଶିକ୍ଷାଦାନ ପୂର୍ବରୁ ମୂଲ୍ୟାୟନ ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ଚିହ୍ନଟ କରିବାରେ ସାହାଯ୍ୟ କରିବ ଓ ସୂଚନା ଆରମ୍ଭ ପୂର୍ବରୁ ଏହା କରିହେବ। ଏହା ଆଧାର ରେଖା ନିର୍ଦ୍ଧାରଣ କରିଥାଏ ଓ ଆପଣଙ୍କ ଶିକ୍ଷାଦାନ ଯୋଜନା ପାଇଁ ଆପଣଙ୍କୁ ସୂଚନା ଦିଏ। ଶିକ୍ଷାର୍ଥୀମାନେ ଜାଣିଥିବା ବିଷୟରେ ଆପଣଙ୍କ ବୁଝାମଣାର ଅଭିବୃଦ୍ଧି ପୁନଃଶିକ୍ଷଣର ସମ୍ଭାବନାକୁ ହ୍ରାସ କରେ ଯାହାକୁ ସେମାନେ ହାସଲ କରିସାରିଛନ୍ତି ବା ସମ୍ଭବତଃ ସେମାନେ ଜାଣିବା ବା ବୁଝିବା ଉଚିତ (କିନ୍ତୁ ଏପର୍ଯ୍ୟନ୍ତ ନୁହେଁ) ତାହା ଛାଡ଼ିଯିବାର ସମ୍ଭାବନାକୁ ମଧ୍ୟ ହ୍ରାସ କରେ।
- ମଧ୍ୟରେ: ଶ୍ରେଣୀଗୃହର ଶିକ୍ଷାଦାନ ମଧ୍ୟରେ ମୂଲ୍ୟାୟନ ତଦାରଖକୁ ସାମିଲ କରେ ଯଦି ଶିକ୍ଷାର୍ଥୀମାନେ ଶିଖୁଥାନ୍ତି ଓ ଅଭିବୃଦ୍ଧି କରୁଥାନ୍ତି। ଆପଣଙ୍କୁ ଆପଣଙ୍କର ଶିକ୍ଷାଦାନ ପଦ୍ଧତି, ସମ୍ବଳ ଓ କାର୍ଯ୍ୟଗୁଡ଼ିକରେ ସମଯୋଜନ ଆଣିବାରେ ଏହା ଆପଣଙ୍କୁ ସାହାଯ୍ୟ କରିବ। ଇପ୍ସିତ ଉଦ୍ଦେଶ୍ୟଗୁଡ଼ିକ ଆଡ଼କୁ ଶିକ୍ଷାର୍ଥୀ କିପରି ଅଗ୍ରଗତି କରୁଛି ଓ କିପରି ଆପଣଙ୍କ ଶିକ୍ଷାଦାନ ସଫଳ ହୋଇଛି ତାହା ବୁଝିବାରେ ଆପଣଙ୍କୁ ଏହା ମଧ୍ୟ ସାହାଯ୍ୟ କରିବ।
- ପରେ: ଶିକ୍ଷାଦାନ ପରେ ମୂଲ୍ୟାୟନ କଲେ ଶିକ୍ଷାର୍ଥୀମାନେ କ'ଣ ଶିଖିସାରିଛନ୍ତି ତାହାକୁ ଦୃଢ଼ କରେ ଓ କିଏ ଶିଖିଛନ୍ତି ଓ କିଏ ଏବେ ବି ସହାୟତା ଆବଶ୍ୟକ କରନ୍ତି ତାହା ଆପଣଙ୍କୁ ସୂଚାଇ ଦିଏ। ଏହା ଆପଣଙ୍କ ଶିକ୍ଷାଦାନ ଲକ୍ଷ୍ୟ କେତେଦୂର ପ୍ରଭାବଶାଳୀ ତାହା ମୂଲ୍ୟାୟନ କରିବାକୁ ଆପଣଙ୍କୁ ସୁଯୋଗ ଦେବ।

### ପୂର୍ବରୁ : ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଶିଖିବେ ସ୍ପଷ୍ଟ ହେବା

ଶିକ୍ଷାର୍ଥୀମାନେ ଗୋଟିଏ ପାଠରେ ବା ଶ୍ରେଣୀଗୃହ ପାଠରେ କ'ଣ ଶିଖିବା ଉଚିତ ଯେତେବେଳେ ଆପଣ ସ୍ଥିର କରନ୍ତି, ଆପଣ ସେମାନଙ୍କ ସହିତ ଏହାକୁ ବିନିମୟ କରବାକୁ ଆବଶ୍ୟକ ମନେକରନ୍ତି। କ'ଣ ଶିକ୍ଷାର୍ଥୀମାନେ ଶିଖିବା ଆଶା କରାଯାଏ ଓ କ'ଣ ଶିଖିବା ପାଇଁ ଆପଣ

ଶିକ୍ଷାର୍ଥୀମାନଙ୍କୁ କୁହନ୍ତି ସତର୍କତାର ସହିତ ପୃଥକ୍ କରନ୍ତୁ। ଏକ ମୁକ୍ତ ପ୍ରଶ୍ନ ପଚାରନ୍ତୁ ଯାହା ସେମାନେ ପ୍ରକୃତରେ ବୁଝିଛନ୍ତି ତାହା ମୂଲ୍ୟାୟନ କରିବାକୁ ଆପଣଙ୍କୁ ସୁଯୋଗ ଦେବ। ଉଦାହରଣ ସ୍ୱରୂପ –

ସରୀତା, ତୁମେ କ'ଣ ଆଜି ଶିଖିବ ବୋଲି ଭାବୁଛ ?

କିଏ ନିଜ ଭାଷାରେ ବୁଝାଇ ପାରିବ ଆମେ କ'ଣ ଶିଖିବାକୁ ଯାଉଛେ ଓ ଆମକୁ ଆଜି କ'ଣ କିରିବାକୁ ପଡ଼ିବ ?

ମୁଁ ବର୍ତ୍ତମାନ ଯାହା କହିଲି ତାହା ତୁମେ ବୁଝିଛ ବୋଲି ମୋତେ ତୁମେ କିପରି ସନ୍ତୁଷ୍ଟ କରିପାରିବ ?

ଉତ୍ତର ଦେବା ପୂର୍ବରୁ ଶିକ୍ଷାର୍ଥୀମାନଙ୍କୁ ଭାବିବା ପାଇଁ କେତେ ସେକେଣ୍ଡ ସମୟ ଦିଅନ୍ତୁ ବା ବୋଧହୁଏ ଶିକ୍ଷାର୍ଥୀମାନଙ୍କୁ ଯୋଡ଼ିରେ ବା ଛୋଟ ଦଳରେ ସେମାନଙ୍କ ଉତ୍ତର ସମ୍ପର୍କରେ ଆଲୋଚନା କରିବାକୁ ପ୍ରଥମେ କୁହନ୍ତୁ। ସେମାନେ ଯେତେବେଳେ ସେମାନଙ୍କର ଉତ୍ତର ଆପଣଙ୍କୁ କହିବେ ଆପଣ ଜାଣିବେ ଯେ ସେମାନଙ୍କୁ ଯାହା ଶିଖିବାର ଅଛି ସେମାନେ ତାହା ବୁଝିଛନ୍ତି କି ନାହିଁ।

## ପୂର୍ବରୁ: ଶିକ୍ଷାର୍ଥୀମାନେ ସେମାନଙ୍କର ଶିକ୍ଷଣରେ କେଉଁଠି ଅଛନ୍ତି ଜାଣିବା

ଆପଣଙ୍କର ଶିକ୍ଷାର୍ଥୀମାନଙ୍କ ଅଭିବୃଦ୍ଧି ପାଇଁ ସାହାଯ୍ୟ କରିବାକୁ ହେଲେ ଆପଣ ଓ ସେମାନେ ଉଭୟଙ୍କୁ ସାମ୍ପ୍ରତିକ ଜ୍ଞାନ ଓ ବୁଝାମଣାର ସ୍ଥିତି ଜାଣିବା ଆବଶ୍ୟକ। ଥରେ ଆପଣ ଈପ୍ସିତ ଫଳାଫଳ ବା ଲକ୍ଷ୍ୟଗୁଡ଼ିକୁ ବିନିମୟ କରିଲେ ଆପଣ ନିମ୍ନୋକ୍ତଗୁଡ଼ିକୁ କରିପାରିବେ।

- ମାନସ ଚିତ୍ରଣ ପ୍ରସ୍ତୁତ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଯୋଡ଼ିରେ କାମ କରିବାକୁ କୁହନ୍ତୁ ବା ସେମାନେ ପ୍ରସଙ୍ଗ ସମ୍ପର୍କରେ କ'ଣ ଜାଣିଛନ୍ତି ତାହାର ତାଲିକା କରନ୍ତୁ। ଏହା ଶେଷ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଅନ୍ତୁ। କିନ୍ତୁ ଏହି କ୍ଷେତ୍ରରେ ଯେଉଁମାନଙ୍କ ପାଖରେ ଅଳ୍ପ ଧାରଣା ଅଛି ସେମାନଙ୍କ ପାଇଁ ଏହା ଅଧିକ ଲମ୍ବା ହେବା ଉଚିତ ନୁହେଁ। ଏହାପରେ ମାନସ ଚିତ୍ରଣ ବା ତାଲିକାକୁ ଆପଣ ଅନୁଶୀଳନ କରନ୍ତୁ।
- ଗୁରୁତ୍ୱପୂର୍ଣ୍ଣ ଶବ୍ଦାବଳୀଗୁଡ଼ିକୁ କଳାପଟାରେ ଲେଖନ୍ତୁ। ପ୍ରତ୍ୟେକ ଶବ୍ଦ ବିଷୟରେ ସେମାନେ କ'ଣ ଜାଣନ୍ତି ସ୍ୱଇଚ୍ଛାରେ କହିବା ପାଇଁ ସେମାନଙ୍କୁ କୁହନ୍ତୁ। ଏହାପରେ ଶ୍ରେଣୀର ଅନ୍ୟମାନଙ୍କୁ ଆଙ୍ଗୁଳି ଉପରକୁ ଉଠାଇବାକୁ କୁହନ୍ତୁ ଯଦି ସେମାନେ ଶବ୍ଦଗୁଡ଼ିକୁ ବୁଝିଛନ୍ତି ଆଙ୍ଗୁଳି ନିଜ ତଳକୁ କରନ୍ତୁ ଯଦି ସେମାନେ ଅଳ୍ପ ବା ଆଦୌ ବୁଝିନାହାନ୍ତି ସେହିପରି ଆଙ୍ଗୁଳି ଲମ୍ବ ଭାବରେ ସୂଚିତ କରନ୍ତୁ ଯଦି ସେମାନେ କିଛି ଏ ବିଷୟରେ ଜାଣିଥାନ୍ତି।

କେଉଁଠୁ ଆରମ୍ଭ କରିବା ଜାଣିବା ଅର୍ଥ ଆପଣ ପାଠ ଯୋଜନା କରିପାରିବେ ଯାହା ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରାସଙ୍ଗିକ ଓ ଗଠନମୂଳକ ହେବ। ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଆପଣଙ୍କ ଶିକ୍ଷାର୍ଥୀମାନେ କେତେ ଭଲଭାବରେ ଶିଖୁଛନ୍ତି ତାହା ମୂଲ୍ୟାୟନ କରିବାରେ ସକ୍ଷମ ହେବେ। ଏହା ଫଳରେ ଆପଣ ଓ ସେମାନେ ପରବର୍ତ୍ତୀ ସ୍ତରରେ ସେମାନେ କ'ଣ ଶିଖିବେ ତାହା ଜାଣିପାରିବେ। ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେବା ଅର୍ଥ ସେମାନଙ୍କ ନିଜ ଶିକ୍ଷଣର ଦାୟିତ୍ୱ ନେବା ଯାହା ଜୀବନ ବ୍ୟାପୀ ଶିକ୍ଷାର୍ଥୀରେ ପରିଣତ କରିବ।

## ମଧ୍ୟରେ : ଶିକ୍ଷଣରେ ଶିକ୍ଷାର୍ଥୀଙ୍କ ଅଭିବୃଦ୍ଧି ସୁନିଶ୍ଚିତ କରିବା

ଆପଣ ଯେତେବେଳେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସାମ୍ପ୍ରତିକ ଅଭିବୃଦ୍ଧି ବିଷୟରେ କୁହନ୍ତି, ଏହା ନିଶ୍ଚିତ କରନ୍ତୁ ଯେ ଆପଣଙ୍କର ପ୍ରତିପୁଷ୍ଟି ସେମାନଙ୍କ ପାଇଁ ଉଭୟ ଦରକାରୀ ଓ ଗଠନମୂଳକ ଅଟେ। ଏହା କରିବା ପାଇଁ –

- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସାମର୍ଥ୍ୟ ଜାଣିବା ଓ ପରବର୍ତ୍ତୀ ଅଭିବୃଦ୍ଧି କିପରି ସେମାନେ ହାସଲ କରିବେ ସେଥିପାଇଁ ସାହାଯ୍ୟ

କରିବା

- ପରବର୍ତ୍ତୀ ବିକାଶ ପାଇଁ କ'ଣ ଆବଶ୍ୟକ ସେ ବିଷୟରେ ସ୍ପଷ୍ଟ ହେବା
- ସେମାନେ ସେମାନଙ୍କର ଶିକ୍ଷଣର ବିକାଶ କିପରି କରିବେ ସେ ବିଷୟରେ ସକାରାତ୍ମକ ହେବା। ସେମାନେ ବୁଝିଛନ୍ତି ଓ ଉପଦେଶ ବିନିଯୋଗ କରିବାର ସାମର୍ଥ୍ୟ ଅନୁଭବ କରୁଛନ୍ତି ତଦାରଖ କରିବା

ଆପଣ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପାଇଁ ସେମାନଙ୍କୁ ସୁଯୋଗ ପ୍ରଦାନ କରିବାକୁ ଚାହିଁବେ। ଏହାର ଅର୍ଥ ଯେ, ଆପଣଙ୍କ ଶିକ୍ଷାର୍ଥୀମାନେ ବର୍ତ୍ତମାନ ତାଙ୍କ ଶିକ୍ଷଣରେ କେଉଁଠି ଅଛନ୍ତି ଓ ଆପଣ ସେମାନଙ୍କୁ କେଉଁଠି ଥିବାକୁ ଇଚ୍ଛା କରନ୍ତି ମଧ୍ୟରେ ଥିବା ବ୍ୟବଧାନ କମାଇବାକୁ ଆପଣ ପାଠଯୋଜନାର ପରିବର୍ତ୍ତନ କରିବାକୁ ପଡ଼ିପାରେ। ଏହା କରିବାକୁ ହେଲେ ଆପଣଙ୍କୁ ନିମ୍ନ କାର୍ଯ୍ୟ ସବୁ କରିବାକୁ ପଡ଼ିବ -

- କିଛି କାର୍ଯ୍ୟର ପଛକୁ ଯାଆନ୍ତୁ ଯାହା ଆପଣ ଭାବୁଛନ୍ତି ସେ ଜାଣି ସାରିଛନ୍ତି।
- ଆବଶ୍ୟକତା ଅନୁସାରେ ଶିକ୍ଷାର୍ଥୀମାନଙ୍କୁ ଦଳରେ ବିଭକ୍ତ କରନ୍ତୁ ଓ ଭିନ୍ନ ଭିନ୍ନ କାର୍ଯ୍ୟମାନ ଦିଅନ୍ତୁ।
- କେଉଁ ସମ୍ବଳ ସମୂହକୁ ସେମାନେ ପଢ଼ିବାକୁ ଆବଶ୍ୟକ କରନ୍ତି ତାହା ସ୍ଥିର କରିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ ଯାହା ଫଳରେ ସେମାନେ ସେମାନଙ୍କର ବ୍ୟବଧାନକୁ ପୂରଣ କରିପାରିବେ।
- ନିମ୍ନ ପ୍ରବେଶ, ସର୍ବୋଚ୍ଚ ସ୍ତରର କାର୍ଯ୍ୟମାନ ଦିଅନ୍ତୁ ଯାହା ଫଳରେ ସମସ୍ତ ଶିକ୍ଷାର୍ଥୀମାନେ ଅଭିବୃଦ୍ଧି କରିପାରିବେ। କାର୍ଯ୍ୟଗୁଡ଼ିକ ଏପରି ପ୍ରସ୍ତୁତ ହୋଇଥାଏ ଯାହାଦ୍ୱାରା ସମସ୍ତ ଶିକ୍ଷାର୍ଥୀ କାର୍ଯ୍ୟକୁ ଆରମ୍ଭ କରିପାରିବେ। କିନ୍ତୁ ଅତି ଦକ୍ଷ ଶିକ୍ଷାର୍ଥୀମାନଙ୍କ ପ୍ରତି କଟକଣା କରା ନ ଯାଉ। ସେମାନେ ଶିକ୍ଷଣ ସମ୍ପ୍ରସାରଣ କରିବା ପାଇଁ ଅଭିବୃଦ୍ଧି କରିପାରିବେ।

ଧୀର କରି ପାଠର ଗତିକୁ ତଳକୁ ଆଣି ପ୍ରକୃତରେ ଆପଣ ଶିକ୍ଷଣ ଗତିକୁ ବାରମ୍ବାର ବଢ଼ାଇ ପାରିବେ କାରଣ ଆପଣ ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବା ପାଇଁ ସମୟ ଓ ବିଶ୍ୱାସ ପ୍ରଦାନ କରନ୍ତି। ଏଥି ସହିତ ସେମାନେ ଅଭିବୃଦ୍ଧି ନିମିତ୍ତ କ'ଣ ଆବଶ୍ୟକ କରନ୍ତି ତାହା ବୁଝନ୍ତି। ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ କାର୍ଯ୍ୟ ବିଷୟରେ ନିଜ ମଧ୍ୟରେ ଆଲୋଚନା କରିବା, କେଉଁଠାରେ ବ୍ୟବଧାନ ରହିଛି ତାହା ଉପରେ ଚିନ୍ତନ କରିବା ଓ ତାହା କିପରି ଦୂର କରିବାକୁ ସୁଯୋଗ ଦେଇ ଆପଣ ସେମାନଙ୍କୁ ନିଜକୁ ମୂଲ୍ୟାୟନ କରିବାକୁ ଉପାୟମାନ ଦେଉଛନ୍ତି।

## ପରେ : ତଥ୍ୟ ସଂଗ୍ରହ ଓ ବ୍ୟାଖ୍ୟା ଓ ଆଗକୁ ଯୋଜନା କରିବା

ଯେତେବେଳେ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ ଚାଲୁଛି ଓ ପରେ ଶ୍ରେଣୀ କାର୍ଯ୍ୟ ବା ଗୃହକାର୍ଯ୍ୟ ସ୍ଥିର ହେଉଛି, ସେତେବେଳେ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, -

- ଆପଣଙ୍କ ଶିକ୍ଷାର୍ଥୀମାନେ କିପରି ଭଲ କରୁଛନ୍ତି ଖୋଜନ୍ତୁ।
- ପରବର୍ତ୍ତୀ ପାଠ ପାଇଁ ଯୋଜନା କରିବାରେ ଏହାକୁ ବ୍ୟବହାର କରନ୍ତୁ।
- ଶିକ୍ଷାର୍ଥୀମାନଙ୍କୁ ପ୍ରତିପୁଷ୍ଟି ଭାବେ ଏହାକୁ ଦିଅନ୍ତୁ।

ମୂଲ୍ୟାୟନର ମୁଖ୍ୟ ଚାରିଗୋଟି ସ୍ଥିତି ସମ୍ପର୍କରେ ନିମ୍ନରେ ଆଲୋଚିତ ହୋଇଛି-

## ତଥା ବା ସୂଚନା ସଂଗ୍ରହ

ପ୍ରତ୍ୟେକ ଶିକ୍ଷାର୍ଥୀ ନିଜସ୍ୱ ଗତି ଓ ଶୈଳୀରେ ଭିନ୍ନ ଭିନ୍ନ ଭାବରେ ଉଭୟ ବିଦ୍ୟାଳୟ ଭିତରେ ଓ ବାହାରେ ଶିଖନ୍ତି। ତେଣୁ ଆପଣ ଯେତେବେଳେ ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟାୟନ କରିବେ ଆପଣ ଦୁଇଟି କାର୍ଯ୍ୟ କରିବା ଆବଶ୍ୟକ :

- ଭିନ୍ନ ଭିନ୍ନ ମାଧ୍ୟମରୁ ସୂଚନା ସଂଗ୍ରହ କରନ୍ତୁ - ଯଥା: ନିଜ ଅଭିଜ୍ଞତାରୁ, ଶିକ୍ଷାର୍ଥୀ, ଅନ୍ୟ ଶିକ୍ଷାର୍ଥୀମାନଙ୍କ ପାଖରୁ, ପିତାମାତା ଓ ଗୋଷ୍ଠୀ ସଦସ୍ୟ ମାନଙ୍କ ପାଖରୁ।
- ଶିକ୍ଷାର୍ଥୀମାନଙ୍କୁ ବ୍ୟକ୍ତିଗତ ଭାବରେ, ଯୋଡ଼ିରେ, ଦଳରେ ମୂଲ୍ୟାୟନ କରନ୍ତୁ ଓ ସ୍ୱ ମୂଲ୍ୟାୟନର ପ୍ରୋତ୍ସାହନ କରନ୍ତୁ। ଭିନ୍ନ ଭିନ୍ନ ପଦ୍ଧତି ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ ଯେହେତୁ ଗୋଟିଏ ପଦ୍ଧତି ଆପଣ ଆବଶ୍ୟକ କରୁଥିବା ସମସ୍ତ ସୂଚନା ପ୍ରଦାନ କରିପାରିବ

ନାହିଁ। ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଓ ଅଭିବୃଦ୍ଧି ସମ୍ପର୍କରେ ସୂଚନା ସଂଗ୍ରହ ପାଇଁ ବିଭିନ୍ନ ଉପାୟଗୁଡ଼ିକ ଯଥା ପର୍ଯ୍ୟବେକ୍ଷଣ କରିବା, ଶୁଣିବା, ପ୍ରସଙ୍ଗ ଓ କଥାମାନ ଆଲୋଚନା କରିବା ଓ ଲିଖନ ଶ୍ରେଣୀ ଓ ଗୃହ କାର୍ଯ୍ୟକୁ ସମୀକ୍ଷା କରିବା ଆଦିକୁ ସନ୍ନିବେଶିତ ହୋଇଥାଏ।

## ଲିପିବଦ୍ଧ କରିବା

ସାରା ଭାରତର ପ୍ରତ୍ୟେକ ବିଦ୍ୟାଳୟରେ ବିବରଣୀ କାର୍ଡ ମାଧ୍ୟମରେ ଲିପିବଦ୍ଧ କରିବା ଅତି ସାଧାରଣ ଉପାୟ। ଏହି ଉପାୟ ଶିକ୍ଷାର୍ଥୀର ଶିକ୍ଷଣ ଓ ବ୍ୟବହାର ସମ୍ପର୍କିତ ସମସ୍ତ ବିଷୟ ଲିପିବଦ୍ଧ କରିପାରେ ନାହିଁ।

ଲିପିବଦ୍ଧ କରିବାକୁ ଆପଣଙ୍କୁ ସୁଯୋଗ ଦେଇ ନ ପାରେ। ଏହା କରିବାକୁ କେତେକ ସହଜ ଉପାୟମାନ ରହିଛି ଯାହାକୁ ଆପଣ ବିଚାର କରିବାକୁ ପସନ୍ଦ କରିପାରନ୍ତି। ଯଥା -

- ଯେତେବେଳେ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ ଚାଲୁଅଛି ଆପଣ ଯାହା ପର୍ଯ୍ୟବେକ୍ଷଣ କଲେ ତାହାକୁ ଡାଏରୀ, ନୋଟଖାତା, ରେଜିଷ୍ଟରରେ ଲେଖିପାରନ୍ତି।
- ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟର (ଲିଖନ, ଚିତ୍ରାଙ୍କନ, ପ୍ରକଳ୍ପ, କବିତା, ଧନ୍ଦା ଆଦି) ନମୁନା ରଖିବା।
- ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କର ମୁଖ୍ୟ ଲେଖା ପ୍ରସ୍ତୁତ କରିବା।
- ଶିକ୍ଷାର୍ଥୀମାନଙ୍କର କୌଣସି ଅସ୍ୱାଭାବିକ ଘଟଣା, ପରିବର୍ତ୍ତନ, ସମସ୍ୟା, ସାମର୍ଥ୍ୟ ଓ ଶିକ୍ଷଣ ତଥ୍ୟ ଦୃଷ୍ଟିକୁ ଆସିଲେ ଲେଖିବା।

## ତଥ୍ୟ/ସୂଚନା ବ୍ୟାଖ୍ୟା କରିବା

ଥରେ ତଥ୍ୟ ଓ ସୂଚନା ସଂଗୃହୀତ ଓ ଲିପିବଦ୍ଧ ହୋଇଗଲେ ପ୍ରତ୍ୟେକ ଶିକ୍ଷାର୍ଥୀ କିପରି ଶିଖୁଛନ୍ତି ଓ ଅଭିବୃଦ୍ଧି କରୁଛନ୍ତି ତାହା ଜାଣିବା ପାଇଁ ଏଗୁଡ଼ିକର ବ୍ୟାଖ୍ୟା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ଗଭୀର ଚିନ୍ତନ ଓ ବିଶ୍ଳେଷଣ ଆବଶ୍ୟକ କରିଥାଏ। ଏହା ପରେ ଶିକ୍ଷଣ ଅଭିବୃଦ୍ଧି ପାଇଁ ଆପଣ ପାଇଥିବା ଫଳାଫଳ ଉପରେ କାର୍ଯ୍ୟ ଆରମ୍ଭ କରନ୍ତୁ। ହୁଏତ ଏହା ଶିକ୍ଷାର୍ଥୀମାନଙ୍କୁ ପ୍ରତିପୁଷ୍ଟି ପ୍ରଦାନ ମାଧ୍ୟମରେ ବା ନୂତନ ସମ୍ବଳ ସନ୍ଧାନରେ ଦଳଗୁଡ଼ିକୁ ପୁନର୍ଗଠନ କରିବାରେ ବା ଗୋଟିଏ ଶିକ୍ଷଣ ସୂଚନାର ପୁନରାବୃତ୍ତି କରିବାରେ ଆପଣ ଆପଣଙ୍କ ଫଳାଫଳକୁ ଆଧାର କରି ଶିକ୍ଷଣର ବିକାଶ ପାଇଁ କାର୍ଯ୍ୟ କରିପାରିବେ।

## ଅଭିବୃଦ୍ଧି ପାଇଁ ଯୋଜନା କରିବା

ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ ସୁଯୋଗ ଦେବା ପାଇଁ ମୂଲ୍ୟାୟନ ଆପଣଙ୍କୁ ସାହାଯ୍ୟ କରିପାରିବ। ଏହି ସୁଯୋଗ ନିମିତ୍ତ ଆପଣ -ନିର୍ଦ୍ଦିଷ୍ଟ ଓ ଭିନ୍ନ ଭିନ୍ନ ପ୍ରକାରର ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରି, ଅଧିକ ସହାୟତା ଆବଶ୍ୟକ କରୁଥିବା ଶିକ୍ଷାର୍ଥୀ ଉପରେ ଅଧିକ ଧ୍ୟାନ ଦେଇ ଓ ଅଧିକ ଆଗୁଆ ଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିପାରିବେ।

# Additional resources

- 'Using marking ladders to support children's self-assessment in writing' by Victoria Symons andDeborah Currans: http://www.campaign-forlearning.org.uk/cfl/assets/documents/CaseStudies/Wooler(%20final%20pdf).pdf
- 'Using marking ladders to support children's self-assessment of writing', a poster by VictoriaSymons and Deborah Currans: http://www.campaign-forlearning.org.uk/cfl/assets/documents/CaseStudies/Yr1Wooler.pdf
- Documentation and reports on continuous assessment in elementary education:http://www.ncert.nic.in/departments/nie/dee/publication/report.html#

# References/bibliography


Graham, J. and Kelly, A. (2010) 'Monitoring and assessing writing', Chapter 6 in *Writing under Control:Teaching Writing in the Primary School*. London: Routledge.

Graham, J. and Kelly, A. (2012) 'Monitoring and assessing reading', Chapter 4 in *Reading under Control*:*Teaching Reading in the Primary School*. London: Routledge.

Graves, D. (2003) *Writing: Teachers and Children at Work*. Portsmouth: Heinemann.

Symons, V. and Currans, D. (2008) 'Using marking ladders to support children's self-assessment in writing'(online), Campaign for LearningAvailable from: http://www.campaign-forlearning.org.uk/cfl/assets/documents/CaseStudies/Wooler(%20final%20pdf).pdf (accessed 31 October2014). Additionally, a poster by the same authors is available from: http://www.campaign-forlearning.org.uk/cfl/assets/documents/CaseStudies/Yr1Wooler.pdf (accessed 31 October 2014).

Tibetan Teachers Professional Development Website (undated) 'Source Book on Assessment for Classes I–V (Environmental Studies' (online). Available from: http://www.tibetanteachers.com/book-listassessment/386-source-book-on-assessment-for-classes-i-v-environmental-studies (accessed 19 November 2014).

Walker, M. (2014) 'National assessment in India' (online), Research Developments, Australian Council forEducational Research, 11 March. Available from: http://rd.acer.edu.au/article/national-assessment-inindia(accessed 19 November 2014).


# Acknowledgements


Except for third party materials and otherwise stated below, this content is made available under aCreative Commons Attribution-ShareAlike licence (http://creativecommons.org/licenses/by-sa/3.0/). Thematerial acknowledged below is Proprietary and used under licence for this project, and not subject to theCreative Commons Licence. This means that this material may only be used unadapted within the Monitoring, assessment and feedbackIndia project and not in any subsequent OER versions. This includes the use of the TESS-India, OU and UKAID logos.



Grateful acknowledgement is made to the following sources for permission to reproduce the material inthis unit:

Table 1: adapted from Symons, V. and Currans, D. (2008) 'Using marking ladders to support children's selfassessmentin writing', Campaign for Learning, http://www.campaignforlearning.org.uk.

Every effort has been made to contact copyright owners. If any have been inadvertently overlooked thepublishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, head teachers, and teacher's andstudents across India who worked with The Open University in the productions.